

# ଶବ୍ଦାର୍ଘ୍ୟ

## ଇ-ପତ୍ରିକା

## ଧାରେ ଲୁହ

# ଧାରେ ଲୁହ

ଆଖିର ଲୁହ ଯେ ଝରିପଡେ
ଖସି ମୁକୁତା ପରିକା ସାଜି
କିଏ ପୋଛିଦେବ ସେଇ ଲୁହ ସବୁ
ବନ୍ୟା ହୋଇ ବହୁଅଛି
ମନ ଖୋଜୁଥାଏ ସାଗର ବୁକୁରେ
ଲୋଟି ଯାଆନ୍ତି କି ସତେ
ନୀରବ ହୃଦୟ ହୋଇଛି ପାଷାଣ
ବିଦୀର୍ଣ୍ଣ ବସନ୍ତ ସ୍ୱର୍ଣେ
କିଏ ପୋଛିଦେବ ଧାରେ ଆଖିଲୁହ
ସପନ ମୋ ଗଲା ଭାଙ୍ଗି
ଅମା ଅନ୍ଧକାରେ ଜାଳିବ ଦୀପାଳି
ମହକିତ କରି ସ୍ମୃତି

ସ୍ୱର୍ଣ୍ଣପ୍ରଭା ମହାପାତ୍ର
ସୁବର୍ଣ୍ଣପୁର

# ଧାରେ ଲୁହ

ଧାରେ ଲୁହକୁ ମୁଁ କରିଅଛି ସାଥୀ
ନିଜେ ତାତି ସେ ଆଖିକୁ ତତାଏ
ଦୁଃଖ ଖସିଆସେ ତା ସହ ମିଶି
ଅଭୁଲା ଅତୀତକୁ ମନେ ପକାଏ।
ବୟସ ରହିଯାଏ ଅଟକି ସେଇଠି
ପ୍ରଥମ ପ୍ରେମର ଗୋଲାପି ପୃଷ୍ଠାରେ
ସଜ ଲୁହଧାର ଦିଏ ତାକୁ ଭେଟି
ଯେବେ ଆସେ ସ୍ମୃତି ପରଦାରେ।

ଭାରି ଅମାନିଆ ଆଖିର ମୋତି
ଇଚ୍ଛା ହେଲାମାତ୍ରେ ପଡଇ ଝରି
ଶୋକ ଜର୍ଜରିତ ହୃଦୟ ସାଉଁଟି
ଶୁଣେ ଅନ୍ତର୍ବେଦନା କାନ ଡେରି।
ନିର୍ଜନ ନିଃସଙ୍ଗ ଘନ ରାତ୍ରିରେ
ଆସେ କଜ୍ଜ୍ୱଳର ଧାରେ ଧାରେ
ତା'ର ସୁକୋମଳ ସୂକ୍ଷ୍ମ ସ୍ପର୍ଶରେ
ପ୍ରାଣ ଗତି କରେ ବାସ୍ତବତାରେ।



ଅନୁପମା ବିଶ୍ୱାଳ
ସମ୍ବଲପୁର

# ଧାରେ ଲୁହ

ଭାରି ଅବୁଝା ଏ ମନ
ଏତେସବୁ ଜାଣିଲା ପରେ ବି
ତଥାପି ମୁଁ ଭଲ ପାଉଛି
ସେନେହ ଶରଧା ଦେଇ।।
ସେଥିରେ ପୁଣି କାହିଁକି ବ୍ୟତିକ୍ରମ?
କଥା କଥାକେ ଆସିଯାଏ ଧାରେ
ଲୁହ!!
କୋଉଠି ପୋଛିବି ଲୁହକୁ
ତୁମ ଅବିଶ୍ୱାସର ପଣତ  କାନିରେ କି!!
ଲୁହ ଆଉ କୋହ
ଚିର ସାଥୀ ମୋର
ଭାବିଛି ତୁମକୁ ହିଁ ସମର୍ପିବି
ଜୀବନର ସବୁ ସୁଖ।।

ହେଲେ ଲୁହ ଧାରଟିଏ  ସମ୍ଭାଳି ପାରୁନି
ଚାହୁଁ ଛି ସେ ବହିଯିବ ନଈ ପରି
ତୁମେ କିନ୍ତୁ ଅଚଳ, ନିର୍ବାକ
ନାହିଁ ତୁମ ପାଶେ ଆଶ୍ୱାସନାର ସ୍ୱର।।
ସବୁଥିରେ ନ ଥାଏ ପୂର୍ଣ୍ଣଚ୍ଛେଦ
କାହା ଲୁହରେ ଭିଜୁଛି ମାଟି
ହେଉ ପଛେ ଜୀବନର ଅୟମାରମ୍ଭ
ଅଥବା ଶେଷ ସୋପାନ!!



ଡଃ ଉତ୍ପଳା ଦାଶ ଷଡ଼ଙ୍ଗୀ।
ଜାମସେଦପୁର। ଝାରଖଣ୍ଡ

# ଧାରେ ଲୁହ

ଆଖି ତଳ ନଈ ଯେବେ ଯାଏ ବହି
ହୋଇଯାଏ ଧାରେ ଲୁହ,
ଦୁଃଖ ହେଉ କିବା ଖୁସିରେ ଉଚ୍ଛୁଳେ
କେବେ ଅଭିମାନ କୋହ
ପଣତକାନି ତା ଚିର ସହଚରୀ
ଓଠ ପୁଣି ସାଥୀ ହୁଏ,
ହୃଦୟ ଯନ୍ତ୍ରଣା ଅମାପ ହୋଇଲେ
ଧାରେ ଲୁହ ହୋଇ ବୁହେ
ବହିଗଲେ ଲୁହ ଧାର ଧାର ହୋଇ
ହାଲୁକା ଲାଗଇ ମନ,
ଅନ୍ତର ଭିତର କୋଳାହଳ ଶୂନ୍ୟ
ଥମଇ ଝଡ଼ ତୋଫାନ

ସୁଖରେ ହେଉ କି ଦୁଃଖ ପଥ କଡେ
ଲୁହ ହୋଇଥାଏ ସାଥୀ,
ଆଖିର କୋଣରେ ଲୁଚି ବସିଥାଏ
ନାହିଁ ଦିନ ନାହିଁ ରାତି
ଅମାନିଆ ଲୁହ ଅଭିମାନେ କେବେ
ଆଖି ବେଳାଭୂମି ଡେଇଁ ,
ଧାରେ ଲୁହ ହୋଇ ବିବଶ କରଇ
ସମ୍ପର୍କର ସେତୁ ଛୁଇଁ



ଜୟଶ୍ରୀ ଦାସ
ଭୁବନେଶ୍ୱର

# ଧାରେ ଲୁହ

ଗୋପନ ଭୂଇଁରେ ବାଜେ ଯେବେ ଶୂଳ
ବେଦନାରେ ଭାରାକ୍ରାନ୍ତ ।
ଭୂ କମ୍ପନ ପରି ଦୋହଲାଇ ଦିଏ
ମନ ସାଗର ଅଶାନ୍ତ ।।
ଉଜାଣି ଢେଉ ତା' ଧୁଏ ତନୁ ମନ
ଥରାଏ ପାଷାଣ ଛାତି ।
ପଥର ହୃଦୟ ମହମ ପରିକା
ତରଳଇ ତାତି ତାତି ।।
ବେଦନାରେ ଜଳ ଘନୀଭୂତ ହୋଇ
କୋହର ବାଦଲ ରଚେ ।
ଶୁଖିଲା କୂଅରୁ କେଜାଣି କେମିତି
ଆପେ ଆପେ ଆସି ନାଚେ ।।

ଆନନ୍ଦରେ ହେଉ ଅବା ଦୁଃଖ ଢେଉ
ଢଳ ଢଳ ନେତ୍ରୁ ଝରେ ।
କୃଷ୍ଣକାୟ ମେଘ ବରଷି ଘଡ଼ିକେ
ଆଖି ପାଣି ଆଖି ମରେ ।।
ମାଆର ଆଖିରୁ ଧାରେ ଲୁହ ଝରି
ଜାଳି ଥିଲା ସ୍ୱର୍ଣ୍ଣପୁରୀ ।
ଯାଜ୍ଞସେନୀ ଲୁହ ଭସ୍ମ କରି ଥିଲା
ଗର୍ବ ଦମ୍ଭ ଅହଙ୍କାରୀ ।।
ସେଇ ଲୁହ ଧାରେ ଛପି ରହିଅଛି
ଯୁଗ ଯୁଗ ଇତିହାସ ।
କେତେବେଳେ ସିଏ ଉଷୁମ ଶୀତଳ
କେତେବେଳେ ସୃଜେ ଧ୍ୱଂସ ।।



ମନୋରଞ୍ଜନ ସୁରୁଜାଲ
ଆଇଁଲାପାଲି, ଧମା, ସମ୍ବଲପୁର

# ଧାରେ ଲୁହ

ଧାରେ ଲୁହ ତମ ଦେଖିବା ଆଗରୁ
ବିତି ଯାଇଥିବ ରାତି
ତମେ ପରା ମୋର କନକଚମ୍ପା ଗୋ !
କାବ୍ୟତାରାର କୃତି ।
ଧାରେ ଲୁହ ତମ ଧାରା ଶ୍ରାବଣର
ଅମାନିଆ ବାରି ଧାରା
ଲୁଣି ଲୁହ ହୋଇ ଖସି ପଡୁଥିବ
ଲହୁଣୀ ଓଠରେ ପରା ।

ସେ ଲୁହରେ ଏତେ ମାନ ଅଭିମାନ
ବିରହ ବିଚ୍ଛେଦ ମଖା
ମରମ ବୀଣାରେ ଗୁମୁରି ଉଠଇ
ପ୍ରୀୟା ମୋର ଚିତ୍ରଲେଖା ।
ଧାରେ ଲୁହ ତମ କେତେ ଯେ ଛଳନା
ତୁମେ ଜାଣିଛ ଏ କଳା
ମୁଁ ପରା ତମର ଦରଦୀ ଦୁଷ୍ମନ୍ତ
ତୁମେ ମୋର ଶକୁନ୍ତଳା ।



କାଙ୍ଗାଳୀ ଚରଣ ସେଠୀ
ଯାଜପୁର

# ଧାରେ ଲୁହ

ଜାଣି ମୁଁ ନଥିଲି ଆହେ ଚକାଡୋଳା
ଲୁହରେ ଯେ ତୋର ଲୋଭ
ଅଭିମାନ ମୋର ମନେ ଧରିବୁନି
ଆଣିବୁନି ମନେ କ୍ଷୋଭ।
ମୋ ଆଖି ଲୁହ ହୋଇଲେ ଶ୍ରାବଣ
ଯଦି ଏତେ ଭଲ ଲାଗେ
ଧାରେ ଲୁହ ମୋର ତୋ ପାଇଁ କାଳିଆ
ସମର୍ପିଲି ଅନୁରାଗେ।

ଧାରେ ଲୁହ କିମ୍ବା ଲୁହର ଶ୍ରାବଣ
ଝରୁ ନୟନରୁ ମୋର
ପ୍ରତି ଲୁହ ବିନ୍ଦୁ ହୋଇ ମୁକ୍ତା ଇନ୍ଦୁ
ସାଜୁ ଶ୍ରୀଅଙ୍ଗରେ ତୋର।
ତୋ ପାଇଁ କାଳିଆ ଝରିଲେ ମୋ ଲୁହ
ଦୁଃଖ ତିଳେ ହେବ ନାହିଁ
ଧାରେ ଲୁହ ଦେଇ ଜାଳିବି ଦୀପାଳି
ନିଇତି ତୋହରି ପାଇଁ।



ସବିତା ମହାନ୍ତି

# ଧାରେ ଲୁହ

ଧାରେ ଲୁହ ବୋହିଯାଏ
ଜୀବନର ଦୁଃଖ ଆଗମନରେ
କଟାକ୍ଷ ହୃଦୟ ଗଳିତ ଶବ୍ଦରେ
ଚିରନ୍ତନ ମିଥ୍ୟା ପ୍ରତିଶୃତିରେ
ବିଶ୍ୱାସଭରା ଅବିଶ୍ୱାସର ଜ୍ୱାଳାରେ।
ଧାରେ ଲୁହ ବୋହିଯାଏ
ବିଶ୍ୱସ୍ତଙ୍କ ଦ୍ୱିମୁଖ ଧୋକାବାଜିରେ
ନିଜ ଲୋକଙ୍କ ଶାଣିତ ଶବ୍ଦରେ
ପ୍ରିୟ ବ୍ୟକ୍ତିର ଅପ୍ରୀତିକର କଥାରେ
ତୁମ ସମ୍ପର୍କକୁ କା'ପାଇଁ ଇତି କଲେ।

ଧାରେ ଲୁହ ବୋହିଯାଏ
ପରିବାର ଠାରୁ ବିଚ୍ଛେଦ ହେଲେ
ପ୍ରତି ସମୟରେ ଆତ୍ମୀୟଙ୍କ ଅଭାବରେ
ସ୍ନେହ ପ୍ରେମର ବନ୍ଧନ ଭାଙ୍ଗିଗଲେ
ମିଛ କଥା ତୁମ ନାଁ'ରେ ପ୍ରଚାର କଲେ।
ଧାରେ ଲୁହ ବୋହିଯାଏ
ଆତ୍ମୀୟଙ୍କ ସ୍ୱଜନଙ୍କ ସ୍ୱର୍ଗବାସରେ
ସର୍ବଦା ପାଇଁ ପ୍ରିୟଜନଙ୍କ ବିଚ୍ଛେଦରେ
ସୁଖ ଅପ୍ରମିତ ଜୀବନ ଆଗମନରେ
ଅଲଭ୍ୟ ବସ୍ତୁ ଜୀବନେ ଲଭ୍ୟ ହେଲେ।



ସ୍ନେହଲତା ପଟ୍ଟନାୟକ
ବୈପାରିଗୁଡା
କୋରାପୁଟ

# ଧାରେ ଲୁହ

ମଉନ ମନର ଅକୁହା କାହାଣୀ
ଧାରେ ଲୁହ ଲେଖେ ବେଦନାର ବାଣୀ।
ମନ ପକ୍ଷୀ ଆଜି ବୋଲ ମାନୁନାହିଁ
ଦୂରେ ଉଡ଼ିଯାଏ ବିଲ ବଣ ଡେଇଁ।
ଫୁଲ ଫଗୁଣକୁ ଧରି ଆସିଥିଲା
ଦଲକାଏ ମିଠା ପବନ ହୋଇ।
ଶ୍ରାବଣ ମେଘରେ ଓଦା କରିଦେଲା
ସ୍ମୃତି ସାଉଁଟୁଛି ଏ ପାଖେ ଥାଇ ।

ମିଛ ସମ୍ପର୍କର ମହୁଲି ମଦରେ
ବାଟବଣା ହୋଇ ଥିଲି ମୁଁ ଦିନେ ।
ନିରୋଳା ସଞ୍ଜରେ ଲୁହରେ ଲୁହରେ
ବସି ବାହୁନୁଛି ଆଜି ଗୋପନେ।
ଅର୍ପିବିନି ଆଉ ସ୍ମୃତିର ତର୍ପଣ
ଢାଳିବିନି ଆଉ ଥରେ ବି ଲୁହ।
ଶୁନଶାନ୍ ଆଜି ମଉନ ଏ ମନ
ଅଧୁରା ଜୀବନ ମିଛ ସପନ।




ଜ୍ୟୋସ୍ନାରାଣୀ ଦାଶ,
ପାଳଲହଡା
ଅନୁଗୋଳ

# ଧାରେ ଲୁହ

ଆଞ୍ଜୁଳାଏ ସୂର୍ଯ୍ୟାସ୍ତ ଆଗରେ ଧାରେ ଲୁହ,
ବିଷର୍ଣ୍ଣ ନଇଟେ ପରି ବହି ଯାଉଛି
ମୋ ଆଖିର ଇସ୍ପାତ୍ ବୁକୁ ଚିରି ।
ଲାସ୍ୟ, ହାସ୍ୟର ସମ୍ଭାର ନେଇ,
ସଜ୍ଜିତ କକ୍ଷରେ ତୁମେ କିନ୍ତୁ
ବସିଅଛ ନିର୍ବିକାରେ ,
ପ୍ରତାରଣା - ପ୍ରଣୋଦିତ ନାୟିକା ।

ଘର, ଦ୍ୱାର, ସଜ୍ଜିତ, ପ୍ରସ୍ତୁତ ସ୍ୱଜନ
ଦୁଲୁକୁଛି ଦାଣ୍ଡ, ପିଣ୍ଡ, ବ୍ରହ୍ମାଣ୍ଡ.....
ଭଲ ମନ୍ଦ ପ୍ରଶ୍ନର ଅନେକ ଅଦଉତିକୁ
ଅକ୍ଲେଶରେ ଆଡେଇ, ତୁମର ଏଇ ପ୍ରସ୍ତୁତି
ଅନ୍ୟ କାହା ସଙ୍ଗେ ରଚିବାକୁ
ସଂସାର - ସତ ସତିଆ
କିମ୍ବା
ବଡ ପାପର ଏକ ଦରିଆ !!



ଅମର କୁମାର ଧଳ

# ଧାରେ ଲୁହ

ମନର ବେଦନା ହୃଦୟ ଯାନ୍ତନା
ଲୁହ ହୋଇ ଝରିଥାଏ,
ଅମାନିଆ ସେହି ଅଶ୍ରୁ ପ୍ଲାବନ
ଅଜାଣତେ ଆସିଯାଏ।
ଲାଗଇ ହାଲୁକା ଦୂରହୁଏ ଥକା
ଆଖି ଲୁହ ମାଧମରେ,
ନୂଆ ସମ୍ଭାବନା ନୂତନ ଭାବନା
ବସା ବାନ୍ଧଇ ମନରେ।
ଆପଣାର କେହି ଯଦି ମିଳି ଥାଇ
ସେତେବେଳେ ଲୁହ ଆସେ,
କିମ୍ବା ଏକାନ୍ତରେ ଦୁଃଖ ମୁହୂର୍ତ୍ତରେ
ଲୁହର ଲହରୀ ଭାସେ।
ଅକୁହା କୋହର ଅବ୍ୟକ୍ତ ଭାବର
ଲୁହ ଏକା ମୁକସାଖୀ,
କେବେ ବିରହରେ କେବେ ଆନନ୍ଦରେ
ଆସିଯାଏ ଭାବ ଦେଖି।

ସବୁ ପରେ ଲୁହ ବଞ୍ଚିବା ମାଧମ
ସନ୍ତୁଳନ ଜୀବନର,
ଭୂମିକା ତାହାର ଗୁରୁତ୍ୱ ବ୍ୟାପାର
ହୋଇ ରହେ ନିରନ୍ତର।
ଲୁହର ଶ୍ରାବଣେ ଭିଜିଗଲା ପରେ
ମିଳେ ଅସରନ୍ତି ତୃପ୍ତି,
ମମତା ପାଖରେ ଜିତିହୁଏ ନାହିଁ
ହାରିବାରେ ଥାଏ ଶାନ୍ତି।
ପ୍ରୀତିର ଫଗୁଣ ନ ଥାଉ ପଛକେ
ଧାରେ ଲୁହ ଆଣେ ଖୁସି,
ଅମା ଅନ୍ଧକାରେ ଜୋଛନାର ସ୍ୱର୍ଣ୍ଣ
ଅନୁଭବି ପାଇଁ ବେଶୀ।



ନିବେଦିତା ପଣ୍ଡା
ରାଉରକେଲା

# ଧାରେ ଲୁହ

ପ୍ରଥମ ଶ୍ରେଣୀର ରାଗୁଆ ଶିକ୍ଷକ
କାନକୁ ମୋଡ଼ି ଚାପୁଡ଼ା ମାରନ୍ତି ଯେ ଗାଲ
ଲାଲ୍ ହେଇଯାଏ।
ମୁଣ୍ଡକୁ ଚାପି ପିଠିରେ ମାରନ୍ତି ଯେ
ମେରୁଦଣ୍ଡରେ ରଙ୍କା ପଶିଯାଏ।
ପାପୁଲିକୁ କନିଅର ବେତରେ ସେକନ୍ତି।
ଆଜ୍ଞାଙ୍କ ମାଡ଼ ଏମିତି କାଟେ ଯେ, ଲୁହ
ବୋହିଯାଏ।
ପୋଛିଲା ବେଳେ ଲୁହ କୁହେ, ମୋତେ ପୋଛ
ନା
ମୁଁ ଯନ୍ତ୍ରଣା ପୂର୍ଣ୍ଣ ହେଇପାରେ, କିନ୍ତୁ
ମୁଁ ଭୁଲକୁ ସୁଧାରି ପାରୁଥିବା ଏକ ମଲମ।
ମୁଁ ପରିବର୍ତ୍ତନ ଓ ସଫଳତାର ମନ୍ତ୍ରପାଣି।

ନିଜ ସୁଖକୁ ଜଳାଞ୍ଜଳି ଦେଇ ଦୁଃଖ ସହି
ମୋତେ ଗଭୀର ସ୍ନେହରେ ବଡ କରିଥିବା
ପିତାମାତା
କେବେ କେମତି ବାଧିଲା ପରି କହିଥାନ୍ତି ଯେ,
ଘରର ଏକ ଅନ୍ଧାରିଆ କୋଣରେ ଅବା ଚାଦର
ତଳେ କାନ୍ଦେ
ବହୁତ ବାଧେ , ଲୁହରେ ଗାମୁଛା କାନି
ଭିଜିଯାଏ।
କିନ୍ତୁ, ଲୁହ ମନକୁ ଶାନ୍ତ୍ୱନା ଦେଇ କୁହେ,
ମୁଁ ଯନ୍ତ୍ରଣା ପୂର୍ଣ୍ଣ ହେଇପାରେଁ, ତଥାପି
ମୁଁ ଭୁଲକୁ ସୁଧାରି ପାରୁଥିବା ଏକ ମଲମ।
ମୁଁ ପରିବର୍ତ୍ତନ ଓ ସଫଳତାର ମନ୍ତ୍ରପାଣି।

ହଁ, ଏହା ନିରାଟ ସତ୍ୟ ଯେ, ସେହି ଧାରେ ଲୁହ
ମୋତେ
ସମୟର ଧାରେ ପହଁରିବା ଶିଖାଇଛି।
ସଭ୍ୟତାର ତାଳେ ତାଳ ଦେବା ଜଣାଇଛି।
ମାନବିକତାର ବାସ୍ନା ଝିଣ୍ଟି ଦେଇଛି।
ଆଜି ମୁଁ ଛାତ୍ର ରୁ ଶିକ୍ଷକ, ଓ ବାଳୁତ ରୁ ବାପ
ପାଲଟି ଯାଇଛି।
ମୋତେ ଲାଗୁଛି , ଧାରେ ଲୁହର ବାର୍ତ୍ତାକୁ
ମୁଁ ହୃଦୟଙ୍ଗମ କରିପାରିଛି।



**ସୁବାସ ଚନ୍ଦ୍ର ନାଏକ**
**ଆଟିଗାଁ, ଜୁନାଗଡ଼**
**କଳାହାଣ୍ଡି**

# ଧାରେ ଲୁହ

ଭାବ ଭରା ହୃଦୟରେ ଅନ୍ତରର କୋହ
ଖୋଲା ହସର ଜୁଆରରେ ରୂପ ନେଇ ଲୁହ
ମାଡି ଆସେ ଅଜଣାରେ ଦୁଇ ଧାରରେ ଲୁହ
ସ୍ଥାନ କାଳ ପାତ୍ର ବୁଝେନା ଏଇ ମାତ୍ର ମୋହ ।
ଲୁହ ସିନା କେତୋଟି ଲୁଣ ଭରା ଜଳଧାର
ଉତ୍ତପ୍ତ ରକ୍ତ ବିନ୍ଦୁକୁ ପାଣି ଫଟାଇ ଲୁଣ ଜଳର ସାଗର
କେଜାଣି କିଏ ଖୋଲିଥିଲା
କେତେ ଓସାରିଆ ଅମାପ ଲମ୍ବା ଗାଢ଼ ଗଭୀରର ।
ଲୁହ ଅନ୍ତର ଗଭୀରତାରୁ
ପଥହରା ବେସାହାରା ପଥିକର ଅତର୍କିତ ସଫଳତାରୁ
ପରିଶ୍ରମର ପ୍ରତିବିମ୍ବ ଫଳକରୁ
ଅନିଶ୍ଚିତତାର ଫଳପ୍ରଦ ପରଦା ଫାର୍ସରୁ ।

ଲୁହ ବୋହିଯାଏ ଆନନ୍ଦମୟ ଖୁସିରେ
ବିବାହପରେ କନ୍ୟା ବିଦାୟ ନେବା ସମୟରେ
ଖୁସିରେ ନୂଆ ସଂସାର ବାନ୍ଧିବାରେ
ଶିଶୁର ଆଗମନରେ ଦୁଃଖରେ ଆତ୍ମୀୟଙ୍କ ସ୍ୱର୍ଗପ୍ରାପ୍ତିରେ
ବୋହିଥାଏ ଲୁହ ଧାରରେ ସତ୍ୟର ପରିପ୍ରକାଶରେ
ଦବି ହୋଇ ରହିଥିବା ସତ୍ୟ ଦୁର୍ବଳ ହୋଇ ଅସତ୍ୟର ଚାପରେ ।
ବୋହେ ଅକସ୍ମାତ୍ ଭାବନା ବାହାରେ
ମିଳଇ ଆଶାତୀତ ଦୁର୍ଲଭ ସଫଳତାରେ
ନୂତନ ଶିଶୁର ନିର୍ମାୟା ହସରେ
ନୂତନ କଳି ଫୁଟେ ଯେବେ ଗଢା ନୂଆ ସଂସାରରେ ।



ସୌଦାମିନୀ ତ୍ରିପାଠୀ
ଭୁବନେଶ୍ୱର-2

# ଧାରେ ଲୁହ

ସବୁ ଧର୍ମଗ୍ରନ୍ଥରେ ଲେଖିଲା ପରି
ଆର୍ଯ୍ୟାବର୍ତ୍ତରେ ଦ୍ରୌପଦୀ ବୁହେଇଥିଲେ
କୋହମିଶା ଧାରେ ଲୁହ ।
ଯାହାକୁ ଦେଖି ବିଶ୍ୱଶିଳ୍ପୀଙ୍କ ତୂଳୀ
ଥକିଯାଇ ଝାସ ଦେଇଥିଲା
ଉପସ୍ଥିତ ସଭାସଦଙ୍କ ଆଖି ଦରିଆରେ
କହି ଦେବାକୁ
ଯେତେ ଲୁହ ସେତେ ଅବତାର
ଏଇ ସଂସ୍କୃତିର ଏଇ ସଭ୍ୟତାର ।
ପଚାରୁନା, ପଚାର....
କ୍ରୌଞ୍ଚମିଳନ ଓ ଅସମ୍ପୂର୍ଣ୍ଣ
ବିରହମୂଳକ ଇସ୍ତାହାର ।
ଯହିଁ ସାକ୍ଷୀଥିଲେ
କରୁଣରସ ବ୍ୟାଖ୍ୟାକାର
ଦସ୍ୟୁ ରତ୍ନାକର ।

ନାୟକ ଅକ୍ଷୟ ରାଜହସ୍ତୀ
ଢେଙ୍କାନାଳ

# ଧାରେ ଲୁହ

ନୟନ ଅୟନ ଧାରେ ଲୁହ ନେଇ
କହଇ ଜୀବନ କଥା,
ସମୟ ଆଗରେ ଜଣାଇ ଦିଏ ସେ
ଅନ୍ତର ଅକୁହା ବ୍ୟଥା।
ଭାଗ୍ୟ ସାଥୀରେ ଲୁଚକାଳି ଖେଳ
ଚାଲିଛି ବି ଚାଲିଥିବ,
ଜୀବନ ଯାତ୍ରା ରେ କେତେ ଝଡ ବାଧା
ଆସୁଛି ବି ଆସୁଥିବ।
ଓଠ ପିଉଅଛି ପିଉଥିବ ପୁଣି
ଆଖିର ତତଲା ଲୁହ,
ଦୁଃଖକୁ ଆଦରି ଉଠୁଥିବ ବକ୍ଷେ
କେତେ ଅମାନିଆ କୋହ।
ଆଶା ଭରଷାର ଛାଇଟିଏ ଖୋଜି

ଅମଡା ବାଟରେ ଶୋଇ ,,
ବିନିଦ୍ର ରାତିର ବାଟୋଇ ସାଜିବି
ଜୀବନର ଗୀତି ଗାଇ ।
ଛଳନାର ଫାଙ୍କେ ଖୁସି ଦେଖିବାକୁ
କରିଛି ମୋ ମନ ଆଣ୍ଟୁ,
ହେଲେ ମୋ ବୟସ ଆଗେ ଠିଆ ହୋଇ
କରେ ଖାଲି ଅଟ୍ଟହାସ୍ୟ।
ଧାର ଧାର ଲୁହ ଆଖି ତଳେ ଥାଇ
ସୂଚାଏ ମୋ ପରିଚୟ ,
ଅସମର୍ଥତାର ସଂଜ୍ଞାକୁ ଖୋଜି
ଗାଏ କର୍ମର ଜୟ।



କୃଷ୍ଣ କୁମାର
କେନ୍ଦ୍ରାପଡ଼ା

# ଧାରେ ଲୁହ

ବହୁଦିନ ପରେ କାଳିଆ ଡାକିଛି
ବଡ଼ଦାଣ୍ଡକୁ ଯେ ତାର,
ଚକାଆଖି ଟାକୁ ଦେଖିବାକୁ ସତେ
ହୁଏ ମୁହିଁ ତରତର ..!!
ଭାରି ଛଳିଆ ସେ ଛଳ କରୁଥାଏ
ନିଜ ଭକତଙ୍କ ସହ,
ତାକୁ ଦେଖୁଦେଖୁ ଆଖି ଧାରେ ଲୁହ
ତୁଟିଯାଏ କାମମୋହ ..!!
ତାର ଚକାଆଖି କିମିଆ କରଇ
ଦେଖି ପୁରିଯାଏ ପେଟ,
ଆନନ୍ଦରେ ଲୁହ ଧାରେ ଧାରେ ବହେ
ଜମାରୁ ମାନେନା ନେତ ..!!

ଆହେ ଭାବଗ୍ରାହୀ ଭାବର ଠାକୁର
ଜଣାଉଛି ମୋର ଭକ୍ତି,
ଏ ଭବ ସାଗରୁ ଉଦ୍ଧାର କର ହେ
ଦିଅ ମୋତେ ସତେ ମୁକ୍ତି ..!!
ଲୋଡାନାହିଁ ମୋର ଧନ ଯୌବନ
ଲୋଡା ଖାଲି ତୁମ ପ୍ରେମ,
ଜୀବ ଗଲାଯାଏଁ ତୁଣ୍ଡେ ମୋର ଥାଉ
ଚକ୍ରଧାରୀ ତୁମ ନାମ ..!!



ନିରଞ୍ଜନ ମହାରଣା
ମାହାଙ୍ଗା, କଟକ

# ଧାରେ ଲୁହ

ଜାଣି ନଥିଲି ମୁଁ ତୁମ ଲୁହ ଧାରେ ଏତେ ଶକ୍ତି
ଅଛି ବୋଲି
ଜାଣିବା ପରେ ତୁମ ଲୁହକୁ ଚୋରାଇ  ନିଷ୍ପତ୍ତି
ନେଲି
ତୁମ ଅଜାଣତରେ ରାତାରାତି ଚୋରାଇ
ଆଣିଛି ତୁମରି ଲୁହକୁ, ତୁମ ଲୁହବୁନ୍ଦା କେମିତି
ଚକ ଚକ କରୁଛି ଦେଖ ମୋ ଆଖି ଆଇନାକୁ
।।

ଏଥର ତୁମେ ଖାଲି ଲୁହଧାର ବୁହାଇ ପାର
ଖୁସିରେ ଉତ୍କଣ୍ଠା ରେ,
କିନ୍ତୁ ଗଡିବନି ତୁମ ଲୁହ
ଦୁଃଖ ଯନ୍ତ୍ରଣାରେ ।।
ତୁମେ ନ ଥିଲେ ବି ପାଖରେ ମୋର
ସ୍ମୃତି ହୋଇ ରହିଥିବ ତୁମ ଲୁହର ଧାର,
ଯତନେ ସାଇତି ହୃଦୟେ
ରଖିଛି ତାକୁ
ବିତାଇ ଦେବି ତା ସ୍ମୃତିରେ
ମୋ ବାକି ଜୀବନକୁ ।।




ସବିତା ଗୁରୁ
ସମ୍ବଲପୁର

# ଧାରେ ଲୁହ

ତୋ ଆଖିରେ ଆଖି ମିଶିଗଲା ଯେବେ
ଗଡ଼ିଗଲା ଲୁହ ଦୁଇ ଧାର,
କେମିତିକା ଭାବ ଜାଣିବା ଆଗରୁ
କରିନେଲୁ ମୋତେ ଆପଣାର ।।
ଦୁନିଆଁ ଦିଶିଲା ଫିକା ଫିକା ମୋତେ
ସଂସାର କୁ ମୋର ଗଲି ଭୁଲି,
ଆନନ୍ଦ ମନରେ ଜପି ତୋର ନାମ
ବେଢା ଚାରିପଟେବୁଲୁଥିଲି ।।
ନିର୍ମାଲ୍ୟ କଣିକା ସାଉଁଟି ଖାଇଲି
ଖାଲିପେଟ ମୋର ପୁରିଗଲା
ଟଙ୍କ ତୋରାଣିରୁମୁଁନିଏ ପିଇଲି ସବୁ
ଶୋଷ ମୋର ମେଣ୍ଟି ଗଲା ।।
ଜଗ ମୋହନରେ ବସିଗଲି ଯାଇ
ଜୀବନରଶାନ୍ତି ମିଳିଗଲା,
ତୋ କଳା ବଦନ ଚାହିଁ ଦେଲି ଧନ
ଲୁହ ଦୁଇ ଧାର ଗଡ଼ିଗଲା ।।
ତୋ ନାଲିଅଧର ହସ ରେ କାଳିଆ
ମନକୁମୋହର ମୋହି ନେଲା,
ତୋ ଛଡା ତୁଳସୀ ହାତେ ଧରୁ ଧରୁ
ସବୁ ଦୁଃଖ ମୋର ଧୋଇ ଗଲା ।।
କି ଗୁଣୀ ଜାଣିଚୁ କଳା ମାଣିକ ରେ
କରିଲୁ ମନକୁ ଗୁଣୀ ମୋର,
ପାଦ ଦେଉ ଦେଉ ବାଇଶି ପାବଛେ
ଗଡ଼ିଗଲା ଲୁହ ଦୁଇଧାର।।

ଆର ଜନମକୁ ହେବୁକି ମୋ ପୁଅ
ମୁଁ ହେବି ଯଶୋଦା ମାଆ ତୋର
କୋଳେ ଧରି ତୋତେ କୁମର ମଣିରେ
ଖୁଆଇ ଦେବି ଲବଣୀ ସର ।।
ଚୁଳରେ ଖୋସିବି ମୟୂର ଚନ୍ଦ୍ରିକା
ମଥାରେଚନ୍ଦନ ଚିତା ଦେବି
କାଖ କରି ତୋତେ କଳା ମାଣିକ ରେ
ସରଗର ଶଶୀ ଦେଖାଇବି ।।
ଗଣ୍ଡେ ଆଙ୍କି ଚୁମା ଦେଉଥିବି ଧନ
ଗଳାରେ ତୋର ଗଜରା ହାର,
ଦଣ୍ଡେ ନ ଦେଖିଲେ କଳା ମାଣିକ ରେ
ବୋହି ଯାଉଥିବ ଲୁହ ଧାର ।।
ଭାରତୀ ର ଆଶା ହେବକି ପୂରଣ
ତୋତେ ଏକା ଜଣା ଚକ୍ରଧର
କେଜାଣି କାହିଁକି ଆଖିରୁ ମୋହର
ଗାଡ଼ିଯାଏ ଲୁହ ଦୁଇ ଧାର ।।




ଭାରତୀ ଲେଙ୍କା
କେନ୍ଦ୍ରାପଡ଼ା

# ଧାରେ ଲୁହ

ଧାରେ ଲୁହ କେବେ ମୂଲ୍ୟହୀନ ନୁହେଁ
ତାତିଲା ଲୁହ ଶ୍ରାବଣ
ଦୁଃଖର ଲୁହକୁ ପିଇପାରେ ଯିଏ
ସାର୍ଥକ ଜୀବନ ଜାଣ
ମାନ ସ୍ୱାଭିମାନେ ସୁଖ ସୌଭାଗ୍ୟରେ
ହସିରେ ଛୁଟଇ ଧାର
କନ୍ୟା ବିଦାୟର କୋହ ଭରା ଲୁହ
ସେଇ ଲୁହଟି ଆତ୍ମାର
ଯାଜ୍ଞସେନୀର ତତଲା ଧାରରେ
ଲହୁ ଲୁହାଣ ହୋଇଲା
ସବୁ ଗର୍ବ ଦମ୍ଭ ସ୍ୱାର୍ଥପରତାରେ
କୁରୁବଂଶ ଧ୍ୱଂସ ହେଲା

ସୀତା ଲୁହଧାରେ ସ୍ୱର୍ଣ୍ଣମୟୀ ଲଙ୍କା
ନିଶ୍ଚିହ୍ନ ଇତିହାସରେ
କଷ୍ଟ ଦେଲେ କୃଷ୍ଣ ମିଳିନ ପାରଇ
ଜୀବନର ଗଣିତରେ
ବେଳେ ବେଳେ ଲୁହ ହାଲୁକା ଲାଗଇ
ବୋହିଗଲେ ଶ୍ରାବଣରେ
ସୁଖେ ଦୁଃଖେ ସାଥି ଅମାନିଆ ଲୁହ
ଲୁହ ଧାର ନିଃସଙ୍ଗରେ



ଭାରତୀ ଦାଶ
ଗୋପାଲମାଲ୍
ସମ୍ବଲପୁର

# ଧାରେ ଲୁହ

ବାସର ଦୀପାଳି ଲିଭିନାହିଁ ଏଣେ
ସୀମାରୁ ଖବର ଆସେ,
ଫେରିଆସ ବନ୍ଧୁ ଫେରିଆସ ବେଗେ
ଶତ୍ରୁ ସୀମା ଆରପାଶେ ।
ବିପଦରେ ମା'ମାତୃଭୂମି ଥିଲେ
କେଉଁ ପୁତ୍ର ରହିପାରେ,
ଫେରିବା ପଥରେ ସାକ୍ଷୀ ରହିଯାଏ
ନବବଧୂ ଲୁହ ଧାରେ ।
ଅଭାବୀ ଜୀବନ ନଅ ହାତି ଶାଢ଼ୀ
ଲୁଚେଇ ପାରେନା ଦୁଃଖ,
ଯେତେ କୋଡୁଥିଲେ ସେତେ ମାଡ଼ିଯାଏ
ଗୋଦରାର କାହିଁ ସୁଖ.
କାଳେ ମିଳିଯିବ ଶାମୁକାଏ ଖୁସି
ଦାଦନ ବାହାରି ଯାଏ,
ଛାତିକି ପଥର କରି ମା 'ତା'ର
ଲୁହରେ ପଣତ ଧୁଏ ।

ବାପା ଲଢୁଥିଲା ନିଜେ ଶୂନ୍ୟ ହୋଇ
ପୁଅର ପୂର୍ଣ୍ଣତା ପାଇଁ,
ପୁଅ ବି ଚାଲିଲା, ଆକାଶେ ଉଡିଲା
ବାପା ହାତ ଛାଡି ଦେଇ ।
ଟୁବି ଗାଡିଆରେ ବାପା ଉବୁଟୁବୁ
ପୁଅ ଦରିଆରେ ଖେଳେ,
ଆକାଶକୁ ଚାହିଁ ଉଦାସୀ ବାପଟା
ଲୁହ ଦୁଇଟୋପା ଢାଳେ ।
ସୁଖ ଅବା ଦୁଃଖ ଯେତେ ଆସୁ ପଛେ
ବାଟକୁ ସଙ୍ଖାଳି ଲୁହ,
ଧାରେ ଲୁହ ତୋତେ ଦେଇ ପାରିଥାଏ
ଦୁନିଆଁର ପରିଚୟ ।



ଉମାକାନ୍ତ ବେହେରା
କେନ୍ଦୁଝର ଗଡ଼

# ଧାରେ ଲୁହ

ଧାରେ ଲୁହ ମୋର ଶ୍ରାବଣର ଧାରା
ଅକୁହା ବେଦନାଶିକ୍ତ
ବୋହିଯାଏ ହୋଇ ଅସରା ଅସରା
ଦୁଃଖ ଦରିଆରେ ମୋ ଭଙ୍ଗା ନାବ
ପ୍ରଭୁଙ୍କ ଚରଣେ ମୋ ଭକ୍ତିଭାବ
କେତେବେଳେ ଆସିବ ସୁଖ ବୋଇତ
ସବୁ ତୁମ କୃପା, ମୁଁ ନିମିତ୍ତ ମାତ୍ର
ଅମାନିଆ ମନ ମାନେନା କିଛି

ତୁମ ଦିବ୍ୟନାମ କରୁଛି ସ୍ତୁତି
ଯେତେ ଦୁଃଖ ଦିଅ ,ଯେତେ ସୁଖ ଦିଅ
ପ୍ରଭୁଙ୍କୁ କରେ ମିନତୀ
ଜୀବନେ କାଟି ଦିଅ ସବୁ ମାୟାମୋହ
ଧାରେ ଲୁହ ହୋଇ ପଛେ ବୋହିଯାଉ
ଭକ୍ତି ଭାବନାରୁ ମନ ବିରତ ନ ହେଉ
ମଣିଷ ଜୀବନର ମୂଲ୍ୟ ନିର୍ଦ୍ଧାରଣ
ସଦା ତୁମ ଦିବ୍ୟବଚନରେ
ମୋର ଟାଣ ପଣ



ପ୍ରତାପ ଚନ୍ଦ୍ର ମହାପାତ୍ର
ଜଗତସିଂହପୁର

# ଧାରେ ଲୁହ

ଧାରେ ଲୁହ ଯେବେ ବହିଯାଏ କେବେ
ଓଠ ପିଉଥାଏ କିଛି
କେତେବେଳେ ସେହି ଲୁହ ସତ ଅଟେ
କେବେ ପୁଣି ମିଛିମିଛି ।
ସତ ଲୁହଧାରେ ବୁକୁଫଟା କୋହ
ହୃଦୟଟା ଫାଟିଯାଏ
ମିଛ ଲୁହ ଧାରେ ଗୋପନ ରହସ୍ୟ
ନିଶ୍ଚେ କିଛି ଲୁଚିଥାଏ ।
ଧାରେ ଲୁହ ନୁହେଁ ଗାରେ ରକ୍ତଧାର
ସତ ଲୁହ ପାଇଁ ବହେ
ମିଛ ଲୁହ ଧାର ଛଳନାର ଘର
ଗୋପନୀୟ କିଛି ରହେ ।

ସତସତିକା ସେ ଧାରେ ଲୁହ ପାଇଁ
ସମବେଦନା ଯେ ଆସୁ
ମିଛିମିଛିକା ସେ ମିଛ ଲୁହ ବୁଝି
ଦୂରେ ଯାଅ ତାହା ପାଶୁ ।



ନିରଞ୍ଜନ ସାହୁ
ନିହଲ ପ୍ରସାଦ
ଢେଙ୍କାନାଳ

# ଧାରେ ଲୁହ

ଜଙ୍ଗଲ ପାହାଡ କଟାହୁଏ ଦେଖ
ସବୁ କେମିତି ସହୁଚ କୁହ
ରତ୍ନ ଲୋଭ କରି ନିଅନ୍ତି ବିଦାରି
ବକ୍ଷରୁ ଝରୁଛି ଧାରେ ଲୁହ ।।
ପ୍ରଦୂଷିତ ନଦୀ ହରାଏ ତା ସିଦ୍ଧି
ଜୀବ ଜଗତ ଅନ୍ତରେ କୋହ
ଶିଳ୍ପ ବର୍ଜ୍ୟ ଜଳ ମିଶୁଛି ପ୍ରବଳ
ଝରଣା ସ୍ରୋତରେ ଧାରେ ଲୁହ।।
ବଢ଼େ ତାପ ମାନ ତତଲା ଜୀବନ
ଓଦା ହୋଇ ଯାଏ ଦେହ ମୁହଁ
ଖାଇବାକୁ ଭରି ଅଣ୍ଟୁନି ମଜୁରୀ
ଗାମୁଛା ପୋଛୁଛି ଧାରେ ଲୁହ ।।

ଦେହ ଝାଳ ମୂଲ ଦେଉନି ଅମଳ
ଗ୍ୟାରେଣ୍ଟି ଶାସନ କହେ ରୁହ
ଫଳାଇ ଫସଲ ଭୋକ ଲୁଟେ ବଳ
ହିଡରେ ନିଗାଡେ ଧାରେ ଲୁହ ।।
ମଣିଷ ସ୍ପନ୍ଦନ ଲୁଟୁଛି ଶୋଷଣ
ଆଉ କେତେ ତୁ ସହିବୁ କହ
ସମାଜ ସଂସ୍ଥିତି ଡାକୁଛି ବିପତ୍ତି
ବହେ ଲେଖନୀରୁ ଧାରେ ଲୁହ।।



ପ୍ରଫୁଲ୍ଲ କୁମାର ମିଶ୍ର,
ଦଶପଲ୍ଲା, ନୟାଗଡ଼

# ଧାରେ ଲୁହ

ଧାରେ ଲୁହ କହେ ଆଞ୍ଜୁଳାଏ ହସ ଓ
ସୀମାହୀନ ସାଗର ଭଳି ଅସରନ୍ତି ଦୁଃଖର
କଥା
ଧାରେ ଲୁହ ଯଦି ଦେଖିପାରିଲ ବୁଝିପାରିଲ
ଏହା କହେ
ନିଭୃତ ହୃଦୟ କୋଣର ଅକୁହା ବ୍ୟଥା
ଧାରେ ଲୁହ କେବେ ବହିଯାଇପାରେ
ପିତା ମାତା ପୁତ୍ର କନ୍ୟା ତଥା ଆତ୍ମୀୟ ମାନଙ୍କ
ପାଇଁ
ଆଉ କେବେ ଧାରେ ଲୁହ ପୁଣି ବହିଯାଏ
ନିବିଡ ବନ୍ଧୁତ୍ୱ ଏବଂ ଓଠ ନ ଖୋଲି ସ୍ୱତଃ
ପରସ୍ପରକୁ ଦେଉଥିବା ପ୍ରତିଶୃତି ପାଇଁ
ଏହି ଧାରେ ଲୁହ ଲେଖିପାରେ ସ୍ୟାହି ହୋଇ
ଅନେକ କବିତା ଅସରନ୍ତି ଗପ

ଏହି ଧାରେ ଲୁହ ଆଖିରୁ ଝରି ଛାତିରେ ପଡିବା ପୂର୍ବରୁ
କେହି ଯଦି ନିଜ ହାତ ପାପୁଲିରେ ସାଉଁଟି ନିଏ
ତାହେଲେ ସବୁ ଦୁଃଖ ହୋଇଯାଏ ଲାଘବ
ଧାରେ ଲୁହ ହୋଇପାରେ ଅକୁହା ମନର ବେଦନା
ଧାରେ ଲୁହ ହୋଇପାରେ ଅକୁହା ମନର ଯାତନା
ଧାରେ ଲୁହ ହୋଇପାରେ ତମାମ୍ ଜୀବନର ଯନ୍ତ୍ରଣା
କେବେକେବେ କେଉଁଠୁ ଅକସ୍ମାତ ସ୍ନେହ ଶ୍ରଦ୍ଧା ଟିକେ
ପାଇଗଲେ ଧାରେ ଲୁହ ହୋଇଯାଏ ହସର ଠିକଣା
ଏହି ଧାରେ ଲୁହ କେବେ ସଠିକ୍ ବାଟ ବି ବତାଏ
ପୁଣି କେବେ ମଣିଷକୁ କରିଦିଏ ବାଟବଣା ।



ସଂଗୀତା ମୋହନ ଗହିର
ଭବାନୀପାଟଣା
କଳାହାଣ୍ଡି

# ଧାରେ ଲୁହ

ଧାରେ ଲୁହ ମିଠା ବନ୍ଧନର ଗୀତି
ଦୁଇ ଦିନ ସଂସାରରେ,
ଆଖି କୋଣୁ ବହେ ଅନୁରାଗ ଶୁଏ
ଅବ୍ୟକ୍ତ ସଙ୍ଗୀତ ସୁରେ ।
କାହା କଷଣର ବୈଶାଖ ତାତିରେ
କୋହ ହୁଏ ଧାରେ ଲୁହ,
ପୀରତି ମଦିରା ମାଦକହୀନ ସେ
ପ୍ରାଣ ପାନ୍ଥଶାଳା ଦେହ ।
ସପନ ପାଉଁଶ ବିରହ ବିଷାଦେ
ସୁଖଭରା ସଉଦାରେ,
ପ୍ରେମ ଧନ ମୋହ ହୁଏ ଧାରେ ଲୁହ
ପ୍ରତ୍ୟାଶାର ବରଷାରେ ।
ବାର୍ଦ୍ଧକ୍ୟର ଚିର ମିଠା ସହଚର
ବିଶ୍ୱାସର ଧାରେ ଲୁହ,
ଜୀବନ ନାଟକ ରଙ୍ଗ ମଞ୍ଚଠାରେ
ଜଳିଲା ଦୀପର କୋହ ।

ଆନନ୍ଦ ହେଉ ବା ଦୁଃଖର ସମୟ
ଅନ୍ତରଙ୍ଗ  ଧାରେ ଲୁହ,
ସେ ତ ଶରଧାର ସୁଲଳିତ ଗୀତ
ସିକ୍ତ ବେଦନାର ଦାହ ।
ଧାରେ ଲୁହ ମୃଦୁ ପରଶେ ହୁଅଇ
ଧରା ଶୋଭା ବିମଣ୍ଡିତ,
ଆପଣାପଣର ମଳୟ ବର୍ଷାରେ
ବଇଶାଖ ବିତାଡିତ।
ଜୀବନ ବହିଟି ଲେଖା ଲୁହ ଧାରେ
ଜ୍ୟୋସ୍ନାଭରା ଶବଦରେ,
ଅନ୍ତର୍ମୁଖୀ ହେଲେ ମଧୁମୟ ମାସ
ଆଉ ନାହିଁ ବେଶୀ ଦୂରେ ।



ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର

# ଧାରେ ଲୁହ

ଲୁହର ମାନେ ନୁହେଁ ଜଣେ ଦୁର୍ବଳ......
ଆଖିରେ ଝରିଥାଏ........
ମୁଁ ସେମାନଙ୍କ ପାଖୁ ଆସିଥାଏ
ଯୋଉ ମାନଙ୍କର ସୁନ୍ଦର
ହୃଦୟଟେ ଅଛି........
ଲୁହ କେବେ ପ୍ରେମ ପ୍ରଣୟର ଲୁହ ତ
ପୁଣି କେବେ ଦୁଃଖ ବେଦନାର ଲୁହ
କେବେ ସେ ବିଭୋର ମନର ଲୁହ ତ
ପୁଣି କେବେ ନିସଂଗତାର ଲୁହ.......

କେବେ ସେ ଭକ୍ତିପୁତ ମନର ଲୁହ ତ
ପୁଣି କେବେ ଆତ୍ମା ହରା ମନର ଲୁହ
କେବେ ସେ ନିଜକୁ ହରେଇବାର ଲୁହ ତ
ପୁଣି କେବେ ନିଜର ଲୋକମାନଙ୍କୁ
ହରେଇବାର ଲୁହ........
କେବେ ସେ ଭାବ ପ୍ରବଣତାର ଲୁହ ତ
ପୁଣି କେବେ ଆନନ୍ଦ ମନର ଲୁହ
ଲୁହ ନୁହେଁ ସେ ତ ମନର ଭାବନା
ଗଳା ଦେଇ ବୋହିଗଲେ ଦୁଇ ଟୋପା
ମନକୁ ମିଳେ ସାନ୍ତ୍ୱନା .........



ନଳିନୀ ପାଣିଗ୍ରାହୀ
ଯାଜପୁର

# ଧାରେ ଲୁହ

ଲୁହ ନିଃଶବ୍ଦ
ମାତ୍ର ଆବେଗର ଉଷ୍ମତାରେ
ଆପେ ଆପେ ବୋହି ଆସେ
ଆଖିର ସେ ଅଜଣା କୋଣରୁ
ଧାରେ ଲୁହ ହୋଇ
ଗୁମସୁମ ମେଘପରି
ଅନେକ ଦିନର ସାଇତା କଷ୍ଟର ଅନୁଭୂତି ପରି
କେବେ ବୋହିଯାଏ ଧାରେ ଲୁହ ହୋଇ
ଟୋପାଏ ଟୋପାଏ ଲୁହରେ ଥାଏ
ଅନେକ ଦୁଃଖର ଠିକଣା
କିଏ ପଚାରେ କିଏ ବୁଝେ ସେ ଲୁହର ଠିକଣା
ସେଥିପାଇଁତ ଆଶା ନିରାଶା ଭିତରେ
ଅବ୍ୟକ୍ତ କୋହକୁ ଏକାଠି କରି
ଲୁହ ବୋହିପଡ଼େ ଧାରାଟିଏ ହୋଇ

ଲୁହ କେବେ ମୁଗ୍ଧ ମମତାର
କେବେ ପ୍ରେମ ଅଭିସାରର
କେବେ ସମର୍ପଣ ଧାରାର
କେବେ ଆୟତ୍ତ ଆବେଗର
ପୁଣି କେବେ ପୁଞ୍ଜିଭୁତ ଅଭିମାନର
ଅନ୍ତଃସତ୍ତ୍ୱା ନଦୀର ଝରଟିଏ ହୋଇ
ଦୁଇକୂଳ ଲଙ୍ଘେ ଏକାଏକା ଏକୁଟିଆ
ଐକାନ୍ତିକ ମୁହୂର୍ତ୍ତରେ ଧାରେ ଲୁହ ହୋଇ



ସସ୍ମିତା ଦାସ
ଗାୟତ୍ରୀନଗର ,ଢେଙ୍କାନାଳ

# ଧାରେ ଲୁହ

କଳକଳ ଶବ୍ଦ କରି
ଛଳଛଳ ନଈ ପରି
ଅବିରତେ ଯାଏ ବହି
ବେଦନା କଷ୍ଟକୁ ଦିଏ ସତେ ଅପସରି
ବହିଯାଏ ସତେ ସିଏ ଶାନ୍ତିକୁ ସୁମରି
ସେ ମୋ ନୟନର ବାରି.....||୧||
ହସି ହସି ବୋହିଯାଏ
କାନ୍ଦି କାନ୍ଦି ଲୁଚିଯାଏ
ଆତ୍ମତୃପ୍ତି ଖୋଜୁଥାଏ
ଚନ୍ଦ୍ରମୁଖ ବଦନକୁ ବେହାଲ ସେ କରେ
ପୁଣି ଅସୁମାରୀ ଆଶାରେ ଆଗକୁ ଠେଲାଏ
ନୁହେଁ ଆଉ କିଏ
ମୋ ଆଖି ଜଳ ସିଏ.....||୨||

ମୋହ ସଂସାରରେ ଦେଖେ
କେବେ ସୁଖେ କେବେ ଦୁଃଖେ
ପ୍ରୀତି ପରଶରେ ଡାକେ
ଘାସ ଗାଲିଚାରେ ଯେନେ କାକରର ଟୋପା
ଆଖିର ଏ ଜଳବିନ୍ଦୁ ମୁକ୍ତାଠାରୁ ସଫା
ସିଏ ଛୁଏଁ ଯେବେ ଓଠ
ପରିତୃପ୍ତ ହୋଇଯାଏ ଫଟା ହୃଦୟର କଷ୍ଟ..||୩||
ମରୁଭୂମି ଥାଏ ଯେତେ
ଶୁଖିଲା କୂଅରୁ ସତେ
ବାହାରିଯାଏ ସେ କେତେ
କୃଷ୍ଣକାୟ ମେଘ ପରି ଯାଏ ସେ ଘୋଟାଇ
ନଛାଡିବା ବର୍ଷା ପରି ଯାଏ ସେ ବୁହାଇ
ସେଇ ଆଖି ଧାରେ ଲୁହ
ସମାହିତ କରେ ସବୁ ମନର ପ୍ରଣୟ
ଉତ୍ତରରେ ଭର୍ତ୍ତିକରେ ପ୍ରଶ୍ନର ଆଳୟ...||୪||



**ସ୍ୱାଗତିକା ସାହୁ**
**କନ୍ଧମାଳ**

# ଧାରେ ଲୁହ

ଜନମ କାଳରୁ ମଣିଷ ତ କାନ୍ଦେ
ନ କାନ୍ଦିଲେ ଭାରି ଚିନ୍ତା,
କାହିଁକି କେଜାଣି ଧାରେ ଲୁହ ପୁଣି
ଭାଙ୍ଗିଦିଏ ନୀରବତା
ହସ ଲୁହ ପରା ଜୀବନର ସ୍ରୋତ
କେତେବେଳେ କିଏ ଆସେ,
ସ୍ୱପ୍ନ ବାସ୍ତବତା ଏକାକାର ହୁଏ
ନୀରବତା ଯେବେ ହସେ
କେତେବେଳେ ତୁମେ ଦରୋଟି ଓଠରେ
ହସ ପାଖୁଡ଼ାଏ ହୁଅ,
ତୁମେ ହିଁ ତ ପୁଣି ବହି ଯାଇଥାଅ
ହୋଇଯାଇ ଧାରେ ଲୁହ
ଚାପି ହୋଇ ଥାଏ କେତେ ଯେ କଷଣ
ହୃଦୟ ତଳର ବ୍ୟଥା
ଧାରେ ଲୁହ ହୋଇ ବହିଯାଏ ଦୁଃଖ
ନୀରବତା କହେ କଥା
ଦଗ୍ଧ ପରାଣ ଜୀବନକୁ ପାଏ
ସେଇ ଲୁହ ଧାର କରେ
ଲୁହରେ ପଖାଳେ ବେପଥୁ ତନୁର
ଲୁହ ହିଁ ସିକ୍ତତା ଭରେ
ମଳୟଟା ଆଜି ନିର୍ବାକ୍ ସାଜିଛି
ବେଦନାର ଜଉଘରେ

ଦେଖନା......
କୋଇଲିଟା ଆଉ ପଞ୍ଚମ ତାନରେ
ଗାଉନି ମଧୁର ସୁରେ
ସେଇ ଧାରେ ଲୁହ ଗଢ଼ିଥାଏ ନିତି
ଭଗ୍ନ ମନର ସୌଧ
ଭୂକମ୍ପନ ପରି ଦୋହଲାଇ ଦିଏ
ମନ ତଳ ପ୍ରତିବାଦ
ହସ ପଛେ ସାଥେ ନ ରହେ ସର୍ବଦା
ଲୁହ ପରା ଚିରସାଥୀ
ଦରଦୀ ମନରେ ପୂର୍ଣ୍ଣତା ଆଣେ
ଜଳାଏ ଆଶାର ବତୀ
ଧୋଇଦିଏ ଯେତେ ଦୁଃଖକୁ ବ୍ୟଥାକୁ
ମନକୁ ହାଲ୍କା କରିଦିଏ
ପୁଣି ଜିତିବାର ଭରସା ସଂଚାରେ
ଚାଲିବାକୁ ବଳ ଦିଏ
ଚିର ସହଚର ପଣତ କାନୀର
ଛାଇ ଟିକେ ଖୋଜୁଥାଏ
ପ୍ରୀତି ପରାଗର ସୁରଭି ସାଉଁଟେ
ଜୀବନର ସଂଜ୍ଞା ପାଏ,
ପର ଆପଣାର ବାରି ହୋଇଯାଏ
ଧାରେ ଲୁହ କଷୋଟିରେ
ହୃଦୟର କୋହ ସମ୍ମିଳିତ ହୁଏ
ବହିଯାଏ ନଈ ହୋଇ
ଜୀବନର ବାସ ଅମୀୟ ପରଶ
ଧାରେ ଲୁହର ତ ଛାଇ

**ଗୀତାଞ୍ଜଳି ନାୟକ**
**କଟକ**

# ଧାରେ ଲୁହ

ଚାକିରୀଟି ପାଇ ବିଦେଶେ ଗମିଲା
ସୁଖରେ ରହିଲା ପୁଅ
ପିତାମାତା ଦୁଃଖ ଯନ୍ତ୍ରଣା ନ ବୁଝେ
ଭାସିଗଲେ ନଈସୁଅ ।।
ପୁତ୍ର ଠାରୁ ଦୂରେ ରହି ଦୁହେଁଯାକ
ଭୋଗୁଥିଲେ ମହାଦୁଃଖ
ସେନେହ ମମତା ପ୍ରୀତିର ଦୁଲାଳ
ଅଣଦେଖା କଲା ମୁଖ ।।
ବାତ୍ସଲ୍ୟ ମମତା ଭୁଲିଗଲା ସିଏ
ଜନନୀ ଜଠର ଦୁଃଖ
ହାତେ ଦୁଇ ହାତ ବାନ୍ଧି ହେଲା ପରେ
କାମିନୀ କାଞ୍ଚନେ ସୁଖ ।।

ଅଳି ଅରଦଳି ସହିଥିଲେ କେତେ
ପେଟେ ଓଦା କନା ଦେଇ
ନିଜ ଦୁଃଖ ଭୁଲି ପୁତ୍ର ପ୍ରୀତି ମେଳି
ଅପତ୍ୟ ସେନେହେ ବାଇ ।।
ବାର୍ଦ୍ଧକ୍ୟ ସାଜିଲା ଦାରୁଣ ଯନ୍ତ୍ରଣା
ଜରାଶ୍ରମେ ଜରାକୋହ
ପୁତ୍ର ମୁଖ ସଦା ହୋଇଲା ବିମୁଖ
ଝରିଗଲା ଧାରେ ଲୁହ ।।



ପ୍ରସନ୍ନ କୁମାର ମେହେର
ଦିଗଶିରା, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର

# ଧାରେ ଲୁହ

ଲୁହ ଏକ ଏମିତି ସାଥୀଟେ
ଚିରକାଳ ବେଦନାସିକ୍ତ ମଣିଷର
ହୃଦୟର ସାଇତା ଦୁଃଖକୁ
ବାଣ୍ଟିନିଏ ଭାବି ଆପଣାର
ସଜାଡଇ କିଛି ମୁହୂର୍ତ୍ତକୁ ଯନ୍ତ୍ରଣାର ଖିଅ
କେତେ ଆପଣାର ସେହି "ଧାରେ ଲୁହ"।।

ସ୍ରଷ୍ଟା ତା'ର ସର୍ବସ୍ୱ ଉଜାଡି
ସଜାଡଇ ସୃଷ୍ଟିର ଜୀବନ
ତା ଦେହର ପ୍ରତି ରକ୍ତ ବିନ୍ଦୁ
ସିନ୍ଧୁସମ ହୁଅଇ ଅସୀମ
ସ୍ରଷ୍ଟା ଯେବେ ଦେଖେ ଜରାଶ୍ରମ ମୁହଁ
ତା ମନର ଅକୁହା ଯନ୍ତ୍ରଣା
ଝରୁଥାଏ ହୋଇ "ଧାରେ ଲୁହ" ।।

ସପନର ରାଜକନ୍ୟାଟିଏ
ଅନାହୂତ ସ୍ୱପ୍ନରେ ବିଭୋର
ପକ୍ଷୀରାଜ ଘୋଡା ଚଢି ଦିନେ
ଆସି ତାକୁ ନେଇଯିବ ତା ରାଜକୁମାର
ସ୍ୱପ୍ନ ହଜେ ନିଦ ଭାଙ୍ଗିଗଲେ
ଉବୁଟୁବୁ କରେ ତାକୁ କଳଙ୍କର ସୁଅ
ତା ଆଖିର ଗାରେ କଜ୍ଜଳକୁ
ଧୋଇନିଏ ସାଥୀଟିଏ ହୋଇ
ସେହି "ଧାରେ ଲୁହ" ।।



ବିଜୟପାତ୍ର,ସହୀରା,ଆଳି
କେନ୍ଦ୍ରାପଡ଼ା

# ଧାରେ ଲୁହ

ରତ୍ନ ସିଂହାସନେ ଦେଖିଲି ତୁମକୁ
ଗଡ଼ିଗଲା ଧାରେ ଲୁହ
ଅନେକ ଦିନରୁ ତୁମ ସାଥେ ଭାବ
ଦେଖିନି ତୁମରି ମୁହଁ
ସଂସାର ଜଞ୍ଜାଳେ ବାନ୍ଧି ମୁଁ ହୋଇଛି
ପାରିନି ପାଖକୁ ଯାଇ
ଭାବର ଡୋରିରେ ଟାଣି ଆଣିଅଛ
ପାଖେ କୁ କଳା ଗୋସାଇଁ..
ତୋ ଛନ୍ଦା ଚରଣେ ବନ୍ଧା ପକାଇଲି
ମୋ ଛୋଟ ସଂସାର ଆଜି
ସୁଖ ରେ ଦୁଃଖ ରେ ପାଖରେ ରହିବୁ
ତୁ ସୁନା ଭାଇ ମୋ ସାଜି..

ମୋର ଲୁହ ଧାର ପୋଛି ନେଇ ତୁରେ
କରି ନେବୁ ଆପଣାର
ବିନା ପ୍ରାର୍ଥନା ଯେତିକି ଦେଇଛ
ସେ ସବୁ ପରା ତୁମର...
ଜଗତକୁ ତୁମେ ତରିଲା ବାଲା ହେ
ମୋ ନାବେ ନାଉରୀ ହେବ
ମହାଶଙ୍କଟକୁ ସହଜ କରିଣ
ମୋତେ ଉଦ୍ଧାର କରିବ
ଦେଲାବାଲା ତୁମେ ନେଲାବାଲା ମୁହିଁ
ମହାଦାନୀ ମୁଁ ଭିକାରି
ପଣତରେ ମୋର ଭରିଦିଅ ତୁମେ
ଭକ୍ତିର ପ୍ରେମ ଥଳି
ଦରଖାସ୍ତଟିଏ କରୁଛି ତୁମକୁ
ବଡ଼ଦାଣ୍ଡେ ଠିଆ ହୋଇ
ମୋ ମାନ ମହତ ସଦା ରଖିବ ହେ
ସଦବୁଦ୍ଧି ଜ୍ଞାନ ଦେଇ


ନିରୁପମା ପଢ଼ିଆରୀ
କରବର, ନୟାଗଡ଼

# ଧାରେ ଲୁହ

ଓଠର ଶାଣିତ ଶବ୍ଦରେ
ଭାଙ୍ଗିପଡ଼ି
ପାଣି ପାଲଟେ ପାଷାଣ ।
ଆଖିର ଇଶାରାରେ
ବୈଶାଖ ବି
ଲାଗୁଥାଏ ଫଗୁଣ ଫଗୁଣ ।
ଧାରେ ଲୁହରେ କିନ୍ତୁ
ତରଳୁ ଥାଏ
ବରଫ ପରି ନିଷ୍ଠୁର ପାଷାଣ।



ତପନ କୁମାର ବେହେରା
ନରସିଂହପୁର, କଟକ

# ଧାରେ ଲୁହ

ବ୍ୟଥିତ ହୃଦୟରେ ବିଦୀର୍ଣ୍ଣ ଭାବନା
ଆନ୍ଦୋଳିତ ଭାବାବେଗ ହୃଦୟ ଯନ୍ତ୍ରଣା
ପାଟି ଫିଟାଇବାରେ ଯେବେ ନିର୍ବିକାର ହୁଏ
ପ୍ରତିଫଳନର ଅକୁହା କଥା ସବୁ
ତତଲା ଲୁହ ଧାରେ ନିଗିଡ଼ି ଆସେ
ଓଠ ପାଖକୁ, ସହିଯିବାକୁ ଦୁଃଖକୁ
ଅସହ୍ୟ ଯନ୍ତ୍ରଣାର ଲୁହ ନିଜେ ପିଇଯିବାକୁ

ଧାରେ ଲୁହ କେବେ ଧ୍ୱଂସ କରେ
କୌରବ ବଂଶ
ଧାରେ ଲୁହ ଲଙ୍କାକୁ କରେ
ପୋଡ଼ି ପାଉଁଶ
ଆଉ ନାରୀର ବେଦନାଶିକ୍ତ ଲୁହରେ
କେତେ ଅନ୍ୟାୟ ଅନୀତିର ହୋଇଛି ଅନ୍ତ
ଏ ସମାଜ ଅଛି ତା'ର ମୁକ ସାକ୍ଷୀ ।

ଧାରେ ଲୁହ କେବେ ଆନନ୍ଦାଶ୍ରୁ ହୋଇ
ଗଡ଼ିଆସେ ମୁହଁ ତଳକୁ
କେଉଁ କଷ୍ଟଲବ୍ଧ ସଫଳତାରେ
ମାଆର ଅସରନ୍ତି ତ୍ୟାଗପୂତ ଗୁଣରେ
ନିଗିଡ଼ି ଆସୁଥିବା ଲୁହକୁ ପୋଛିହୁଏ
କେବେ ଆଙ୍ଗୁଠିରେ
ଅବା ମାଆ ଆଶୀର୍ବାଦ ର ପଣତକାନୀରେ



**ପ୍ରଭାକର ଗୁରୁ**
**ନରସିଂହପୁର**
**କଟକ**

# ଧାରେ ଲୁହ

କରିଥିଲ ସାଥି ଥିଲ ମୋ ସାରଥୀ...
ତୁମରି ସ୍ନେହ ପରସରେ ପାଇଥିଲି ସବୁକିଛି...
ତୁମ ହାତ ଧରି ଚାଲିଥିଲି ବାଟ..
ଆସିଲେ ଯେତେ ଘାତ ପ୍ରତିଘାତ..
ଆମେ ଦୁହେଁ ଥିଲେ ଏକ ମନ ପ୍ରାଣ..
ଗଢିଥିଲେ ଆମେ ସୁନ୍ଦର ସଂସାର...
ଦିନେ ଆସିଗଲା ଆମ ଜୀବନରେ ଝଡଝଞ୍ଜା..
ଭାଙ୍ଗିଦେଇ ଗଲା ଆମର ଛୋଟ ବସା..
ଆଖି ଲୁହ ଆଜି ଧାର ଧାର ହୋଇ..
ବୋହି ଚାଲିଯାଏ ଆନମନା ସେ ହୋଇ..
ଚାଲିଗଲ ସାଥି ଏକା କରି ଯେବେ ମୋତେ..
ତୁମ ବିନା ଆଜି ବଞ୍ଚିବି କିପରି..
ଥିଲା ଯେତେ ସପନ ଆମର..
ସବୁ ହୋଇଗଲା ବୋହୁ ଦୂର... ସେ ସପନ ଆଜି ପାଉଁଶ ତଳେ..

ଦିକି ଦିକି ହୋଇ ନୀତି ଜଳେ...
ତୁମ ପରଶ ଖୋଜି ବୁଲେ ଏ ମନ..
ଆଖି ଖୋଜି ବୁଲେ ସେ ସପନ..
ଆଖି ଲୁହ ଆଜି ହୃଦୟକୁ ଭାଙ୍ଗେ..
ମୋ ଜୀବନେ ଥିଲ ତୁମେ ଆଲୋକ ଶିଖା..
ଆଲୋକ ବିନା ଅନ୍ଧାରରେ ବିତେ ସବୁ ଦିନ...
ମୋ କୋହ ସାଜେ ହୋଇ ଲୁହର ଆକାର..
ଲୁହ ଦେଇ ଚାଲିଗଲ ସାଥି କରିଦେଲ ପର...
ତୁମ ବିନା ସାଥି ମୁଁ ବଞ୍ଚିବି କିପରି...
ସବୁ ଜନମରେ ଜନମିବି ତୁମ ସାଥି ହୋଇ..
ସବୁ ଅଧୁରା ସପନ ଆଜି ତୁମକୁ ଝୁରି ବୁଲେ..
ତୁମ ବିନା ସବୁ ରଙ୍ଗ ଲାଗେ ଯେ ବେରଙ୍ଗ ....
ଫେରି ଆଶ ତୁମେ ପୁଣି ହୋଇ ସାତରଙ୍ଗ ...



ଇତିଶ୍ରୀ ଚାଟାର୍ଜୀ
ଜଗତସିଂହପୁର

# ଧାରେ ଲୁହ

ଅସହାୟ ଯେବେ ହୋଇପଡ଼େ ମୁହିଁ
ଭାବି ଭାବି ନିଜ କୋହ
ଆଖିରୁ ସେଦିନ ହୋଇ ଛନ ଛନ
ବହିଯାଏ ଧାରେ ଲୁହ।
ଲୁହ ବହିଗଲେ ବହିଯାଏ ଆପେ
ଦୁଃଖର ସେ ନିର୍ଝରଣୀ
ସତେ କି ସେ ଧାର ବହେ ଝର ଝର
ନପାରେ କେବେ ମୁଁ ଜାଣି।

ଧାରେ ଲୁହ କହେ ଅକୁହା କାହାଣୀ
ଶୁଣିବାକୁ ନାହିଁ କେହି
ନିଜ କଥା କହି ନିଜେ ନିଜେ ଶୁଣି
କବିତାରେ ଯାଏଁ ଲେଖି ।
ଆଶା ଫୁଲ ଫୁଟେ ମନ ଅଗଣାରେ
ବାସିବାକୁ ମହ ମହ
ସେ ବାସ୍ନାରେ ମୋର ଆସିବେ ଭଅଁର
ହୋଇ କେତେ ଗହ ଗହ।



ରମେଶ ଚନ୍ଦ୍ର ପ୍ରଧାନୀ
ବଲାଙ୍ଗୀର

# ଧାରେ ଲୁହ

ଅନ୍ତର କୋହକୁ ଅନ୍ତରରେ ରଖିବା
ନୁହେଁ ଜମା ଅଭିନୟ
ନିଶବ୍ଦରେ କୁହେ ଅନେକ କଥା
ଆଖିର ଦିଟୋପା ଲୁହ
କିଛି ସୁଖର ପୁଣି କିଛି ଦୁଃଖର
କିଛି କିଛି ସମ୍ବେଦନର
ହୃଦୟ ତରଳା ଅନେକ ବ୍ୟଥା
କୋଣରୁ ବହେ ନୟନର

ଅନ୍ୟକୁ ପରାମର୍ଶ ଦେବା ପୂର୍ବରୁ
ନିଜକୁ ପରଖି ଦେଖ
ଆଖିରେ କାହାର ଲୁହଦେବା ପୂର୍ବରୁ
ନିଜ ଲୁହ ଚାଖି ଦେଖ
ଆଖି ଲୁହ ସିନା ଓଠ ପିଯାଏ
ବ୍ୟଥା ଦେଖି ଜୀବନର
କେହି ଆସନ୍ତିନି ଲୁହ ପୋଛିବାକୁ
ଅସହ୍ୟ ଗାଥା ଯନ୍ତ୍ରଣାର



ସିନ୍ଧୁ ନନ୍ଦିନୀ
ଭୁବନେଶ୍ୱର

# ଧାରେ ଲୁହ

କେବେ, ନୟନ ଯୁଗଳୁ ବହିଯାଏ ,ଖୁସିର ଧାରେ ଲୁହ
ତ
କେବେ, ଦୁଃଖର ଦୁଇଧାର ଲୁହ
ଅନେକ ପ୍ରଶ୍ନର ଉତ୍ତର ପଚାରିଲେ ବି, ମିଳେନି ଓଠରୁ
ହେଲେ,ନ ପଚାରିଲେ ବି ଉତ୍ତର ମିଳିଯାଏ
ଚକ୍ଷୁର ନୀରବ ଚାହାଣୀର, ନୀରବ ଦୁଇ ଧାର
ଲୁହରେ.........
ଲୁହ ବହିଯାଏ ,କିଛି ଆନନ୍ଦମୟ ଶୁଭ ମୁହୁର୍ତ୍ତରେ
ପିତାମାତା ଓ ଆତ୍ମୀୟସ୍ୱଜନଙ୍କ
ମନ ପ୍ରାଣ ନାଚିଉଠେ, ଆନନ୍ଦ ଉଲ୍ଲାସରେ
ଶିଶୁଟିର କୁଆଁକୁଆଁ କ୍ରନ୍ଦନରେ
ଆନନ୍ଦାଶ୍ରୁ ବହିଯାଏ ଦୁଇ ଧାର ଲୁହରେ.........

କନ୍ୟାଦାନ ମହାପୂଣ୍ୟ,ଭାଗ୍ୟରେ ଥିଲେ ମିଳଇ କନ୍ୟାରତ୍ନ
ବିବାହ ବେଦୀରେ , ମନ୍ତ୍ର ପାଠରେ
ଯେବେ ବରକୁ, ପିତା କରନ୍ତି, ଅଲିଅଳ କନ୍ୟାକୁ ଅର୍ପଣ
ଆନନ୍ଦାଶ୍ରୁ ବହିଯାଏ ଦୁଇ ଆଖିର ଦୁଇଧାର ଲୁହରେ.......
ବିଦାୟ ଲଗନ ସତରେ, କେତେ ଯେ ଦୁଃଖଦ ମୁହୂର୍ତ୍ତ,
କହି ହୁଏନା ,କି ସହି ହୁଏନା ସେ,ତ କପାଳ ଲିଖନ
କେ କରିବ ଆନ, ଝିଅ ଜନମ ଯେ ପରଘରକୁ
ସବୁଜାଣି ଚାପି ରଖନ୍ତି, ମନର ଦୁଃଖ ଓ କୋହକୁ
ନୂତନ ସଂସାର ଗଢିବାର ଆନନ୍ଦ ମୁହୂର୍ତ୍ତରେ, ଆତ୍ମୀୟ ସ୍ୱଜନଙ୍କ
ଚକ୍ଷୁରୁ ବହିଯାଏ, ଆନନ୍ଦାଶ୍ରୁ ଦୁଇଧାର ଲୁହ......



ଅର୍ଚ୍ଚନା ମହାପାତ୍ର
ଭୁବନେଶ୍ୱର

# ଧାରେ ଲୁହ

ଭାବରେ ହେଉ ବା କୋହ ମଧ୍ୟେ ହେଉ
ଝରେ ଯେବେ ଆଖି ଲୁହ
ହୃଦୟ ଭିତରେ କମ୍ପନ ହୁଅଇ
ଆସେ ଅଜଣାର କୋହ।
ଧାରେ ଲୁହ କଥା ଅନୁଭବୀ ଜାଣେ
ଅନୁଭବ ଅନୁଭୂତି
କ୍ରିୟାଶୀଳ ହୁଏ ଶରୀରର ତନ୍ତ୍ରୀ
ଭାବରେ ଚାଲଇ ମତି।
ସେହି ଅଶ୍ରୁଜଳ ମୂଲ୍ୟବାନ ଅଟେ
ସ୍ୱଚ୍ଛ ଓ ନିର୍ମଳ ଜଳ
ସେହି ଅଶ୍ରୁଜଳେ କେତେ ଯେ କାହାଣୀ
ରହିଥାଏ ହୃଦ ତଳ।

ଦୁଃଖର ଯାତନା ମନର ଭାବନା
ସତେ ଗୁନ୍ଥା ଫୁଲମାଳ
ବହିଗଲେ ଧାରେ ଆଶ୍ୱସ୍ତ ଲାଗଇ
ନ ବୋହିଲେ କଲବଲ।
ଦୌପଦୀ ଲୁହରେ କୁରୁବଂଶ ଧ୍ୱଂସ
ସୀତା ଲୁହେ ଲଙ୍କା ନାଶ
ମାତାର ଆଖିରୁ ଝରିଗଲେ ଅଶ୍ରୁ
ସବୁ ହୋଇଯିବ ଶେଷ।
ଯଦି ଚ ନ ଝରେ ଆଖିରୁ ଲୁହ ତ
ଭକ୍ତି କଲେ ଭଗବାନ
ନ ମିଳଇ ମୁକ୍ତି ନ ଥାଏ ଯେ ଭକ୍ତି
ସେହି ତ ନାସ୍ତିକ ଜନ।
ଆଖିରୁ ମୋହର ଝରିଯାଉ ଲୁହ
ପତିତ ଜନଙ୍କ ପାଇଁ
ଦୁଃଖି ଅରକ୍ଷିତ ସେବାର କାରଣେ
ଏହି ଜ୍ଞାନ ଦିଅ ସାଇଁ।



ଗଗନ କୁମାର ଦାଶ
ମୋହନା, ଗଜପତି

# ଧାରେ ଲୁହ

ସାତ ସାଗରର ଲୁହ କା ଆଖିରେ ହୃଦୟେ ଅନେକ କୋହ
ଦୁଃଖ ମଶାଣିର କୁହୁଳା ଧୂଆଁରେ ବିବର୍ଣ୍ଣ ଦିଶଇ ଦେହ
ଶ୍ରାବଣର ଧାରା ସମ ଲୁହଝରା ଆଖିରୁ ହଜାଏ ଜ୍ୟୋତି
ମୁହଁରୁ ହଜଇ ହସର ଗୋଲାପ ହଜେ କ୍ଷାତି ହଜେ ଶାନ୍ତି ।।
ଦୁଃଖ କଷଣରେ ଲୁହ ଝରିଗଲେ ଲାଘବ ହୁଅଇ ଦୁଃଖ
ବେଳେ ବେଳେ ଧାରେ ଲୁହ ଝରିଆସେ ଲଭିଲେ ସହସା ସୁଖ
ଅଭିମାନ ଭରା ଧାରେ ଲୁହ ଦେଖି ଉପଳ ହୁଅଇ ନୀର
ଶାନ୍ତି ନୀଳୟରେ ଲୁହ ଝରେ କେବେ ଚରିଯାଏ ହଳାହଳ ।।

ସତୀ ସୀତାଙ୍କର ଲୁହେ ସ୍ୱର୍ଣ୍ଣଲଙ୍କା ଜଳି ହେଲା ଛାରଖାର
ଯାଜ୍ଞସେନୀ ଲୁହ ଧ୍ୱଂସ କରିଦେଲା ମହାମାନୀ କୁରୁକୁଳ
ମାତା ପିତାଙ୍କର ଲୁହରେ ସନ୍ତାନ ଭୋଗଇ ଦୈବୀ ଯନ୍ତ୍ରଣା
ଗୁରୁ ଗୁରୁଜନ ବ୍ରାହ୍ମଣ ଲୁହରେ (ଜନ୍ମେ) "ବିକଳାଙ୍ଗ ଅନ୍ଧ କଣା" ।।
ଲୁହ ଧାର ଚିତ୍ର ନୁହେଁ ଛୋଟ ଦୃଶ୍ୟ ଦୃଶ୍ୟେ ହୃଦୟ ବିଦାରେ
ଲୁହ ପାଇଁ ଯୁଦ୍ଧ ଲୁହପାଇଁ ଶାନ୍ତି ମୈତ୍ରେୟ ଅନୀଳ ଝରେ ।।




**ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର**
**ମଙ୍ଗଳାଯୋଡି, ଖୋର୍ଦ୍ଧା**

# ଧାରେ ଲୁହ

ହୃଦୟରେ ଯେବେ ଆଘାତ ଲାଗଇ
ଛାତି ଚିରି ଉଠେ ଅଦେଖା କୋହ,
ନିରବରେ ତେବେ ଆଖି ହଳକରୁ
ବହିଯାଏ ଧୀରେ ଧାରେ ଲୁହ ।
ସେହି ଧାରେ ଲୁହ ଆଖି ଉପକୂଳେ
ବତୁରାଇ ଲେଖେ ମନର କଥା,
କେବେ ଲେଖି ଦିଏ ସୁଖର କାହାଣୀ
କେବେ ଲେଖିଦିଏ ଅଦେଖା ବ୍ୟଥା ।
ଧାରେ ଲୁହ ଯେବେ ଆଖି ହଳକର
ଶାସନକୁ ଭୁଲି ବହିଯାଏ ଓଠଯାଏଁ
ଅମାନିଆ ସେହି ଧାରେ ଲୁହ ସତେ
ଗୋପନରେ ମନ ଅରଣ୍ୟକୁ ଦହେ ।

ଧାରେ ଲୁହ ପୁଣି ଲିଭେଇ ପାରେ ବି
ଯୁଗଯୁଗ ଅନ୍ତର୍ଦାହ ଅନ୍ତରର ,
ସେହି ଧାରେ ଲୁହ ମୋତି ପାଲଟଇ
ସମ୍ମୋହନେ କାର ପ୍ରୀତିର ଉପହାର ।
ଧାରେ ଲୁହ ଯେବେ ଆଖିରୁ ନିଗିଡ଼ି
ପଣତ ଭିଜାଇ ଦିଏ ,
ମନ ଦରଜକୁ ନିରବରେ ସତେ
ସେ ଧାରେ ଲୁହ ବୁଝିଯାଏ ।



ସୌଦାମିନୀ ସାହୁ
ଟାଙ୍ଗୀ, କଟକ

# ଧାରେ ଲୁହ

ଗଣ୍ଡ ସିକ୍ତ କରି ଉଭୟ ନୟନୁ
ନିର୍ଝର ଯେବେ ସୃଷ୍ଟିହୁଏ,
ଶୋକ ତାପ କିଛି ମାତ୍ରା ଧୋଇଦେଇ
ଆହ୍ଲାଦ ଆଣେ ହୃଦୟେ।
ବିନା ଅପରାଧେ ପ୍ରଭାବଶାଳୀଙ୍କ
ହେଲେ ନିର୍ଯ୍ୟାତନା ଶୀକାର,
ସେ' ଉଷ୍ମ ଅଶ୍ରୁର ପ୍ରଭାବେ ଅବଶ୍ୟ
କେବେ ପାଇବନି ନିସ୍ତାର।
ଭେଳିକି ଦେଖାଇ ମିଛ ଅଭିନୟେ
ଲୋତକ ଯେବେ ଝରିଥାଏ,
ପରିହାସ କରି ଲୋକେ କହିଥା'ନ୍ତି
କୁମ୍ଭୀର କାନ୍ଦଣା ପରାଏ।



ଚିତ୍ରସେନ ଆପଟ
ବଣାଇଁ, ସୁନ୍ଦରଗଡ

କଲମ

# ଧାରେ ଲୁହ

ସୁଖରେ ଦୁଃଖରେ ଲୁହ ଯା ଆଖିରେ
ଆସିଥାଏ ସଦାବେଳେ
ସ୍ରଷ୍ଟାଙ୍କ ସୃଷ୍ଟିରେ ଏହା ହିଁ ରୀତିରେ
ମାନବ ଜନ୍ମ ସଫଳେ ।
ଲୁହ ଯା ଦୁଃଖରେ ବହେ ସବୁବେଳେ
ଧାର ଧାର ନିରନ୍ତର
କିଂତୁ ତା ସୁଖରେ ଧାରେ ଯା ଲୁହରେ
ଉତ୍ସର୍ଗୀକୃତ ଭାବର ।
ପ୍ରଭୁ ଉଦ୍ଦେଶ୍ୟରେ ସେ ଧାରେ ଲୁହରେ
ସମର୍ପିତ ଭାବ ନେଇ
ତାଙ୍କରି ଦୟାରେ ସୁଖର ସଂସାରେ
ଧାରେ ଲୁହ ବାଟ ଦେଇ ।
ଲୋତକ ଗ୍ରନ୍ଥିର ସ୍ୱତଃ ପ୍ରବାହର
ଧାର ସଦା ଆସିଯାଏ

ଧାରେ ଲୁହ ଦେଇ ଅର୍ଘ୍ୟ ଟେକି ଦେଇ
କୃତଜ୍ଞ ଭାବଟି ଥାଏ ।
ଭକ୍ତ ତା ଭାବରେ ପ୍ରଭୁଙ୍କ ପୟରେ
ଲୁହ ଅର୍ଘ୍ୟ ଧୋଇଦିଏ
ତାଙ୍କରି ଇଚ୍ଛାରେ ଆଜି ଏ ସଂସାରେ
ମିନତୀ ତାର ଜଣାଏ ।



କୃଷ୍ଣଚନ୍ଦ୍ର ମହାପାତ୍ର
କେନ୍ଦ୍ରାପଡା

# ଧାରେ ଲୁହ

ଧାରେ ଲୁହ ପାଇଁ ମହାଭାରତ ଗୋ
ଧାରେ ଲୁହେ ରାମାୟଣ।
ଧାରେ ଲୁହ ପାଇଁ ଆତ୍ମହତ୍ୟା ହତ୍ୟା ହୁଏ
ଜୀବନଟା ଅକାରଣ ।
ଧାରେ ଲୁହ ପାଇଁ ବିଜୁଳି କମ୍ପନ
ନେଇଯାଏ କାହା ପ୍ରାଣ।
ଦୁଇ ଧାର ଲୁହ ପଥର ଭେଦଇ
ମାଡିଯାଏ ଅନୁକୋଣ।
ଲୁହ ଏଠି କେବେ ଲହୁ ହୁଏ ପୁଣି
କରେ ସେ ଲହୁ ଲୁହାଣ।
ଲୁହ ଏକା ଅଟେ ପ୍ରେମର ସଂପର୍କ
ପକାଏ ନିୟମ ରାଣ।

କେତେ ସମ୍ମୋହନ ସେ ଲୁହରେ ଥାଏ
ବୁଲୁଥାଏ ବିଲ ବଣ।
ସେ ଲୁହକୁ ଝୁରି ମଳୟ ପବନ
କହୁଥାଏ ଟିକେ ଶୁଣ।
ଲୁହରୁ ଏ ସୃଷ୍ଟି ଲୁହରୁ ପ୍ରଳୟ
ଲୁହ କରେ କେତେ ପଣ।
ଦୁଃଶାସନ ରକ୍ତେ ବେଣୀ ବନ୍ଧାହୁଏ
ଆକାଶେ ଉଡେ ଛଞ୍ଚାଣ।



ଜଗଦୀଶ ଶତପଥୀ
ଧର୍ମଶାଳା। ଯାଜପୁର

# ଧାରେ ଲୁହ

ଲୁହ ପୁଣି ଲୁହ ଟୋପାଏ ମାତର
ସଂସାର ଓଲଟି ଯାଏ ,
ଧାରେ ଯେବେ ବୁହେ କେତେ ବଡ ଗାଥା
ସାର ଜଗତକୁ ଧୁଏ ।।
ଆଖିଲୁହ ସିନା ହୃଦ ଭେଦି ଝରେ
ଲହୁ ସେ ଜୀବନ କଥା ,
ବୁନ୍ଦା ବୁନ୍ଦା ହୋଇ ଧାର ଲମ୍ବିଯାଏ
କବିତା ଲେଖାର ବ୍ୟଥା ।।
ଦୁଃଖେ ବହିଯାଏ ସୁଖେ କେବେ ଅବା
ମନ ତଳେ ଲେଖା ଝର ,
କାହାଣୀ କେତେ ଯେ ଗୁନ୍ଥା ରହିଥାଏ
ରଙ୍ଗଭରା ଭରପୁର ।।

ଇତିହାସ ଗାଥା ବଞ୍ଚିବାର ଗପ
ସମାଜରେ ଧରାବନ୍ଧା ,
ଜୀବନ ମରଣ କବିତା କାହାଣୀ
ଲୁହ ଦରିଆରେ ଛନ୍ଦା ।।
ଲୁହ କବି ପାଇଁ ରସାଳ କବିତା
ଗାଳ୍ପିକ ପାଇଁ ଭାବ ,
ଚିତ୍ରକର ପାଇଁ ରଙ୍ଗର ଫୁଆରା
ଇନ୍ଦ୍ରଧନୁ ଅନୁଭବ ।।



ଆଶୁତୋଷ ମେହେର
୫୪ ଆର୍ଯ୍ୟପଲ୍ଲୀ
କିଟ ଛକ, ପଟିଆ
ଭୁବନେଶ୍ୱର

# ଧାରେ ଲୁହ

ମନ ଉପବନେ ବିଷାଦ ସ୍ପନ୍ଦନେ
କୋହରେ ବିଦୀର୍ଣ୍ଣ ହୃଦ
ବେଦନାସିକ୍ତ ଲୋତକର ଧାର
ବହେ ଭାଙ୍ଗି ଧୈର୍ଯ୍ୟ ବନ୍ଧ ।
ନୟନ ଯୁଗଳେ ଲୋତକଯେ,ଢଳେ
ଅମାନିଆ ସ୍ରୋତସ୍ୱିନୀ
ଶୁଭ୍ର ସ୍ଫଟିକର ମୁକ୍ତା ବିନ୍ଦୁ ପରି
ଚିକୁର ଚୂମ୍ବନେ ତୁନି ।
ଅଭିମାନାଶ୍ରୁର ଉଷ୍ଣତା ତୋଳଇ
ନୀରବ ଝଡର ଭାବ
ଶାନ୍ତ୍ୱନା ବାରିଧି ମନର ପରିଧି
ସୁଧା ବୋଳେ ଶାନ୍ତି ଭବ।
ପୁଲକିତ ମନ ଆନନ୍ଦାଶ୍ରୁ ପୂର୍ଣ୍ଣ
ଚିବୁକ କୁ ସ୍ପର୍ଶ କଲେ
ଲୁହ ଧାରେ ହର୍ଷ ଆନନ୍ଦ ଉଲ୍ଲାସ
ଅନ୍ତରାତ୍ମା ଖୁସି ଭୋଳେ ।

କାଳିଆ ସାଆନ୍ତ ଦର୍ଶନେ ଭକତ
ଭକ୍ତି ଅର୍ଘ୍ୟ ସମର୍ପଣେ
ଭାବ, ଭକ୍ତିଭରା ଅଶ୍ରୁଜଳ ପରା
ଝରେ ପାଦ ପ୍ରକ୍ଷାଳନେ ।
ଅନ୍ତର ନିର୍ମଳ ମନ ଗଙ୍ଗାଜଳ
ବହିଗଲେ ଲୁହଧାର
କୋହ ମରିଯାଏ ଦୁଃଖ ସରିଯାଏ
ଶାନ୍ତି ଭରଇ ଅନ୍ତର ।
ଅଶ୍ରୁଳ ନୟନୁ ଅସୁମାରୀ କୋହ
ବିଗଳିତ ଲୋତକରେ
ମନ ସନ୍ତୁଳନ ଶରୀର କାନନ
ତୃପ୍ତି ଶାନ୍ତି କଷି ଧରେ ।



ସୌଭାଗ୍ୟ ଦାଶ
କେନ୍ଦ୍ରାପଡ଼ା

# ଧାରେ ଲୁହ

କା'ଆଖିରୁ ବହିଯାଏ
ଯଦି ଧାରେ ଲୁହ
ମୋ ମନକୁ ଛୁଇଁଯାଏ
ବେଦନାର କୋହ ।
ସହିବା ଶକ୍ତି ସଭିଙ୍କୁ
ଦେଇଛନ୍ତି ବିହି
ଅସହ୍ୟ ହୋଇଲେ
ଝରେ ଧାର ହୋଇ ।
ଦୁଃଖ, ସୁଖ ଏଇ ଦୁଇ
ଦୁନିଆର ରୀତି
ସମସ୍ତ ମନୁଷ୍ୟ ତାହା
ଭୋଗ କରିଥାନ୍ତି ।
ଅସହ୍ୟ ବେଦନା ଆସି
ଥାଏ ଯେତେବେଳେ
କୋମଳ ଆଖିରୁ ଲୁହ
ବହେ ସେତେବେଳେ ।

କାହାରିକୁ ଏତେ କଷ୍ଟ
କେବେ ଦିଅ ନାହିଁ
ଯାହା ପାଇଁ ତା ଆଖିରୁ
ଲୁହଯିବ ବହି ।
ନିରୀହ ଆଖିରୁ ଯଦି
ଲୁହ ଟୋପେ ଗଡେ
ସେ ଲୁହର ମୂଲ ତାକୁ
ଦେବାପାଇଁ ପଡେ ।
ଅପରର ଭୁଲ ତ୍ରୁଟି
ଆମେ ଭୁଲିଯିବା
ଜୀବନରେ କା'ଆଖିରେ
ଲୁହ ହିଁ ନ ଦେବା ।



ନିରଞ୍ଜନ ଦାସ
ଗେଙ୍ଗୁଟିଆ , ବାଘୁଆ, ବାଲେଶ୍ୱର

# ଧାରେ ଲୁହ

ଉତ୍ତପ୍ତ ଜଳ ଧାରଟିଏ
ବେଦନାର ସ୍ଫୁଟନାଙ୍କ ହୋଇ ଉତୁରି ପଡେ
ଆଖି କୋଣରୁ ଓଠ ପର୍ଯ୍ୟନ୍ତ ଲମ୍ବି ଯାଇଥାଏ
ଅନ୍ତରର ଅବ୍ୟକ୍ତ କାହାଣୀକୁ ବ୍ୟକ୍ତ କରିବାକୁ
ଛୁଟିଆସେ
ବାହାର ଦୁନିଆରେ ସିକ୍ତ ଲବଣାକ୍ତ ନିର୍ଝରଟିଏ
ଦୁଃଖ କାହାଣୀର ସ୍ୱର ହୋଇ ପ୍ରକାଶ ହୁଏ

ଦୁର୍ଦ୍ଦଶା ଝଡ଼ର ବେହାଲରେ ହାଲ ହୋଇ
ପ୍ରକଟିତ ହୁଏ
ପୀଡ଼ାର ଅତ୍ୟାଚାରରେ ଧକେଇ ଧକେଇ
ଆସେ
ଜ୍ୱାଳାରେ ଜାଳିହୋଇ ତରଳ ପାଉଁଶ
ହୋଇପଡେ
ଅନୁତାପାନଳରେ ଭସ୍ମ ହୋଇ ବାହାରି ଆସେ
କ୍ଲେଶରେ ସୁନାମି ଆକାର ନିଏ
କଷ୍ଟର ସର୍ତ୍ତ ନ ପଡେ ।।

ନିଦାଘର ଲୁହ ଦୁଇ ଧାରରୁ ପୁଣି ଧାରେ
ହୋଇଯାଏ
ଦୁଃଖର ଅତ୍ୟନ୍ତ ଚାପରେ ସ୍ରୋତ ନିରବୀ ଯାଏ
ଶୁଷ୍କ ତଟିନୀ ପରି ଅବସ୍ଥିତି ବଞ୍ଚାଇବାକୁ ସକ୍ଷମ
ହୁଏ
ଧାରେ ଶୁଖିଲା ଲୁହ ଗାର ହୋଇ ଯନ୍ତ୍ରଣା -
ବଖାଣିବାରେ ହେଳା କରି ନ ଥାଏ ।।



ଶିଶିର କୁମାର ଜେନା
ମଲ୍ଲିକାପୁର, ଅହିୟାସ,
ଯାଜପୁର

# ଧାରେ ଲୁହ

ତୁମେ ଚାଲିଗଲ ଫେରିବ କହିକି
ଦେଇଗଲ ଧାରେ ଲୁହ
ତୁମରି ଫେରିବା ବାଟକୁ ପ୍ରିୟ ଗୋ
ବସିଚି ମୁଁ ଚାହିଁ ଚାହିଁ ।
ଦେହ ଛୁଇଁ ଥରେ କଥା ଦେଇଥିଲ
ଦେବନି ଆଖିରେ ଲୁହ
ଦେଇଗଲ ତୁମେ ଯନ୍ତ୍ରଣା ଏତେ ଯେ
ଶୁଖୁନି ସେ ଧାରେ ଲୁହ ।
ଫେରିବ କହିକି ଫେରିଲନି ତୁମେ
ପଦ୍ମ ଯାଏ ଘୁଞ୍ଚି ଘୁଞ୍ଚି
ଆଖିର ଲୁହକୁ ପଣତେ ଭିଜାଇ
ଫେରିବା ବାଟ ଚାହିଁଛି ।

ଧାରେ ଲୁହ ମୋର ତୁମ ବିରହରେ
ଲେଖିଛି କେତେ ଯେ କଥା
କଥାଗୁଡା ସବୁ ସଜେଇ ପାରିଲେ
ହେବ ସେ ବିରହ କବିତା ।
ଏଥର ଆସିଲେ ଧାରେ ଲୁହ ନୁହେଁ
ଗାରେ ସିନ୍ଦୁର ଆଣିବ
ଶୂନ୍ୟ ସିମନ୍ତେ ମୋ ସିନ୍ଦୁର ଭରିକି
ଲୁହଧାର ପୋଛି ଦେବ ।



ପଦ୍ମାଳୟା ମଲ୍ଲ
ଜେନାପୁର, ଯାଜପୁର

# ଆଖିଁଲ ଧାରେ

ସହେବାର ସବୁ ସୀମା
ଏକା ପାର୍ ହେଲା ପରେ
ବାହାରି ପଡସି ତାର୍ ସୁଖେ
ସୁଖେ ଆଖିଁଲ ଧାରେ ।
ମନ କରପନକେ ଦୁଖେଁ କି
ସୁଖେଁ ତାପି ହଁଇଗଲା ପରେ
ଜାନି ବି ନାଇଁହୁଏ
ବାହାରି ଯାଏସି ଆଖିଁଲ ଧାରେ ।
କେତେ କେତେ ସପନକେ
ଉଜରେଇ ନେସି ଆଖିଁଲ ଧାରେ
କେତେ କେତେ ସୁଖର ସପନ
ଲେଖସି କବି କଲମ ଗାରେଁ ।



ବୃନ୍ଦାବନ ପ୍ରଧାନ
ବାଉଲସିଁହା ଭଟଲି ବରଗଡ଼

# ଧାରେ ଲୁହ

ଏଠି ମାଟି ଆଜି ଓଦା,
ଭିଜୁଛି ଚାରିକଡ଼ର ପୃଥିବୀ,
ଅଭିମାନୀ ଆକାଶର କୋହଲା ପଣ,
ପବନରେ ପାଣି ଛିଟା ।
ଗୋଲାପୀ ଚିଠିଟି ବତୁରି ଯାଇଛି,
ସମ୍ଭାଳି ନ ପାରି ହୃଦୟର କୋହ ସବୁ
ଏଇମାତ୍ର ପ୍ରେମର ଅକ୍ଷର ମାନେ
ନିଗିଡି ଯାଉଛନ୍ତି, ଠପ୍ ଠପ୍ ହୋଇ ।
ତରଳୁ ଥିଲେ ଯେତେ ସାଇତା ଇଛାମାନେ ମଧ ।
ସେମାନେ ମୁକୁଳୁ ଥିଲେ,
ମନର ଗୋପନ କୋଣରୁ ।

ପ୍ରତିଶୃତି ସବୁ ଅକସ୍ମାତ ପଣତଗଣ୍ଠିରୁ
ଛିଡିଯାଇ ଖୋଜୁଥିଲେ ନିଜ ସଂଜ୍ଞା ଆଉ ପରିଚୟକୁ ।
ଆଜି ତତଲା ମରୁଭୂମିରେ ମୁଁ ଦେଖୁଛି
ଘୋର କାଳ ବୈଶାଖୀକୁ ।
କିଛି... ନୀରବତାକୁ ଭେଦିଲି,
ଏ ଅଦିନିଆ ମେଘକୁ ପାଖକୁ ଡାକିଲି,
ତରଳୁ ଥିବା ଇଛା, ନିଗୁଡୁ ଥିବା ଅକ୍ଷର,
କୋହଲା ଆକାଶ ଭିଜା ପୃଥିବୀ ସବୁ
ଉତ୍ତରରେ କହିଲେ...
ଦେଖ୍ , ଭଲକରି ଦେଖ୍ ,
ଆଖିଫାଡି ଦେଖ୍,
କେମିତି ବୋହୁଛି ତୋ ପ୍ରିୟାର ଆଖିରୁ,
'ଧାରେ ଲୁହ'



ରଶ୍ମିରେଖା ବେହେରା
ପାରାଦ୍ୱୀପ, ଜଗତସିଂହପୁର

# ଧାରେ ଲୁହ

ସମୟ ସୁନାମୀ ଶେଷ ଅଭିଶାପରେ
ଲିଭି ଆସୁଥିବା ଏନ୍ତୁଡ଼ି ନିଆଁଟା
ପୁଣି ଜଳିଲା ମଶାଣିର ଜିଅନ୍ତା ପାଉଁଶ ରେ
କଞ୍ଚା ବୟସରେ ତୋ ବୋଉ ଚାଲିଗଲା.........!
ତତେ ଗଢିଥିଲି ଦରକଞ୍ଚା ମାଟିରେ
ତୁ ଅମାନିଆ ନିର୍ଝରିଣୀରେ ଶ୍ରାବଣୀ
ଧାରେ ଲୁହର ନଳିନୀରେ ପୂରିତ ନଳିନୀ
ତୋ ପାଇଁ ନିବିଡ଼ ନିଶ୍ୱାସର ନିଦାନୀ
ବଢିଲା ବୟସରେ ତୁ ଉତ୍ତାଳ ଉର୍ମି........!
ଭଅଁର ଛୁଇଁଲା ତତେ ପ୍ରଣୟେ ବସନ୍ତେ
ସମର୍ପି ଦେଲୁ ତୋ ତନ ଆଉ ମନ
ପ୍ରେମ ରାଜପଥରେ ଟଳମଳ ତୋ ପାଦ
ଭାଙ୍ଗିଦେଇ ଚାଲିଗଲୁ ମୋ ଅଗଣାର ନୀଡ଼
ନୟନେ ମୋର ଧାରେ ଲୁହ ଲହୁରର ଗାର....!

ସଂସାର ସ୍ନାନରେ ଭିଜିନି ତୋ ପାଦ
ମଳିନ ପଡିନି ତୋ ଆଇନାର ରୂପ
ଅଧା ବାଟ ବି ଛୁଇଁନି ତୋ ଆୟୁଷ
ଲିଭିଗଲା ତୋ ସିନ୍ଦୁରର ଦୀପ...........!
ତୋ ଲୁହର ମୂଲ୍ୟ ଅବା କେତେ
ଭୋକିଲା ଆଖିର ସ୍ୱପ୍ନ କେତେ
ତୋ ବିବର୍ଣ୍ଣ ମଥାରେ ପୁଣି କିଏ
ସଜେଇବ ସବୁଜିମାର ମୁରୁଜ
କ୍ଷତାକ୍ତ ପାଦରେ ଅଳତାର ସ୍ମିତହାସ୍ୟ......!



କୁମାର ସୁବ୍ରତ ଦାଶ
ବରୁଣ୍ଡେଇ , ଯାଜପୁର

# ଧାରେ ଲୁହ

ଧାରେ ଲୁହର ମୂଲ୍ୟ ଯଦି
କୁଳାଙ୍ଗାର ପୁଅମାନେ ବୁଝିଥା'ନ୍ତେ,
ଜାଗା ଜାଗାରେ ଏମିତି କ'ଣ
ଜରାଶ୍ରମମାନ ଦିନରାତି କାନ୍ଦୁଥା'ନ୍ତେ?
ମାଆ ବାପାର ଲୁହ ଲହୁ
କେତେ ମୂଲ୍ୟବାନ,
ପର ଝିଅମାନେ କଳି କି ପାରିବେ
ହୋଇ ଦୟାବାନ?
ଆପଣା ସୁନା ତ ଭେଣ୍ଡି ,
କିଏ ବା ପଚାରେ କାହାକୁ
ଏଠି ସେଠି ସବୁଠି ଦରାଣ୍ଡି ...?

ଗରିବ ଲୁହର ମୂଲ୍ୟ ରାସନ ଚାଉଳ,
ନିର୍ବାଚନ ଆସିଗଲେ ହୁଏ ମୂଲଚାଲ,
ଭୋଟ ଦେଲେ ସତେକି ପାଇବେ ଅସରନ୍ତି ଗେଲ,
ପାଞ୍ଚ ବର୍ଷ ପାଇଁ ଉଭାନ୍ ନେତା ନେତ୍ରୀ
ଆଶା କାନ୍ଦୁଥିବ ନିତି ହୋଇ କଲବଲ...!
ଯୁଗ ବଦଳୁଛି, ଇଚ୍ଛା ବଦଳୁଛି
ପରଖିଆ ଧନେ, ଆସୁରିକ ମନେ
ରୁଚି ହସୁଅଛି ଦାମ୍ଭିକ ଠାଣିରେ,
ଏ ସଂସାର ସାରା ଲୁହର କ୍ଷତାକ୍ତ ଶରୀର
ପଡିରହି ଧଇଁସଇଁ ହୁଏ ପା'ପୋଛ ଭାବରେ...!



କୈଳାସ ମହାରଣା
ଗୋଡଭଗା କେମ୍ପ୍
ସମ୍ବଲପୁର

# ଧାରେ ଲୁହ

ଆଖିରୁ ଯଦି ବି ବହୁଅଛି ଲୁହ
ବୋହିବାକୁ ତାକୁ ଦିଅ,
ସୁଖରେ ସେ ବୋହେ ଦୁଃଖରେ ବି ବୋହେ
ଅମୂଲ୍ୟ ଅଟଇ ଲୁହ ।।
ହୃଦୟ ଭିତରେ ଆଘାତ ଲାଗିଲେ
ଆଖିରୁ ବୋହେ ଲୋତକ
କଷ୍ଟକୁ ଆଉ କେ ଜାଣିପାରିବ ଯେ
ଉପଲବ୍ଧି ସେ କରିବ ।।

ଉପରେ ଉପରେ ହସ ହସ ମୁହଁ
ଦୁଃଖକୁ କିଏ ମୋ ଜାଣେ,
ଏବେ ନିରୋଳାରେ ଲୁଚି ଲୁଚି ମୁହିଁ
ଗୁମୁରି ଗୁମୁରି କାନ୍ଦେ ।।
ଧାରେ ଲୁହ ଯଦି ଆଖିରୁ ବୋହିଲା
ମନଟି ହାଲୁକା ହେବ,
ଛାତି ଭିତରର ଯେତେ ପୀଡା ଥିବ
ହୃଦୟ ସଫା ହୋଇବ ।



ରଂଜନ କୁମାର ପାଣିଗ୍ରାହୀ
ବଲାଙ୍ଗୀର

# ଧାରେ ଲୁହ

ଏବେ ଏବେ ତୁମେ ବହୁତ ମନେ ପଡୁଛ
ଅତୀତର କଥାସବୁ ମନରେ ଭରୁଛ
ମୋ ଚେତନାରେ ତୁମେ ଥିଲ ଚଳନ୍ତି ମନ୍ଦିର
ମୋ ଇଛା ଇନ୍ଦ୍ରଧନୁର ଚିତ୍ରକର
ତୁମ ଡାକରେ ଥିଲା ମଧୁର ସ୍ୱର
ସତରେ ତୁମେ ଥିଲ କେତେ ସୁନ୍ଦର
ଅଗଣାର ଥିଲ ଶେଷ ବିଶ୍ୱାସର ଗନ୍ତାଘର
ଅଧା ଆୟୁଷରେ ତୁମେ ହେଲ ନିୟତିର ଶିକାର
ଏଇ କଣ ଥିଲା ତୁମ ଶେଷ ଉପହାର
ଧାରେ ଲୁହରେ ଭରିଦେଲ ଲହୁର ଗାର......

ବାପା ତୁମେ ଚାଲିଗଲା ପରେ.....
ହଜିଗଲା ମୋ ପାଦର ନୁପୁର........
ଭାଙ୍ଗିଗଲା ଆମ ସ୍ୱପ୍ନର ପ୍ରାସାଦ
ଚୁଲି ମୁଣ୍ଡେ ଲିଭିଗଲା ବୋଉର ଆବେଗ
ଅଧା ବାଟେ ଅଟକିଲା ଆମ ବିଶ୍ୱାସର ଶୌଧ
ଧାରେ ଲୁହରେ ଆଜି ବି ମୁ
ଭିଜୁଛି ବୈଶାଖର ନିଦାଘ.......
ବାପା ତୁମେ ଚିରକାଳ ମୋ ପାଇଁ ଦିବ୍ୟ ଶବ୍ଦ
ନିଇତି ପଢୁଛି ତୁମ ସ୍ମୃତିର ଅବ୍ୟକ୍ତ ବେଦ....



ସାବିତ୍ରୀ ପଣ୍ଡା
ବରୁଣ୍ଡେଇ , ଯାଜପୁର

# ଧାରେ ଲୁହ

ନିରବରେ କୁହେ ଲୁହର ଧାରଟି
ବୁକୁତଳର ବେଦନା
ସବୁ ଆଘାତକୁ ସହି ଖୋଜେ ମନ
ଦରଦୀ ମନ ଠିକଣା.....
ବେଦରଦୀ ପ୍ରାଣ କଟାକ୍ଷ ଚିହ୍ନାରେ
ନିତି ମରେ ନିତି ଜଳେ
ସବୁ ସପନ ତ ଲୁହ ହୋଇ ବୁହେ
ବୈଶାଖୀ କାଳ ଝଡ଼େ,
କେତେ ଅଭିମାନେ ଉଦବେଳନ ପ୍ରାଣେ
ଲହଡି କେତେ ଆସଇ
ମଥା ପିଟେ ନିତି ବେଳାଭୂମି କୋଳେ
କେତେ ବେଦନା କୁହଇ,

ବିଦଗ୍ଧ ଦୀପାଳି ଦାହିହୋଇ ଢାଳେ
ଧାରେ ଲୁହ ମାଟିକୋଳେ
ଉଷୁମ ଲୁହରେ ବଖାଣୁ ଥିଲା ତ
ଇତିହାସ ମାଆ କୋଳେ,
ଲୁହ ଧାରେ ବଡ଼ ସ୍ୱାଭିମାନେ ଲେଖେ
ନିସର୍ତ୍ତ ପ୍ରେମର ଭାଷା
ନୀରବତା ଭାବ ନିଷ୍କଳଙ୍କ ସ୍ନେହ
ନୂଆ ସକାଳର ଆଶା

ଅପରାଜିତା ପରିଡା
କୁଜଙ୍ଗ, ଜଗତସିଂହପୁର

# ଧାରେ ଲୁହ

ଲୁହ ଧାର ତମେ ଯନ୍ତ୍ରଣା ମରୁରେ
ବାଦଲର ବର୍ଷା ବିନ୍ଦୁ
ଲୁହ ଧାର ତମେ ମେଘାଛନ୍ନ ନଭ
ପରବର୍ତ୍ତୀ ପୂର୍ଣ୍ଣ ଇନ୍ଦୁ।
ଝରିଗଲେ ତମେ ହୃଦୟରୁ ଶୁଭେ
ପ୍ରଶାନ୍ତିର ପାଞ୍ଚଜନ୍ୟ
ବିଦଗ୍ଧ ମନରେ ଭରିଦିଅ ପୁଣି
ଚଇତାଳି ଶିହରଣ।
ଆଖି ଅଗଣାକୁ ଟପିଗଲେ ତମେ
ମନର ଭାବନା କେତେ
ନବ ଉଦ୍ଦୀପନା ଆଣିଦିଅ ପୁଣି
ଭଗ୍ନ ମନ ପଥ ପ୍ରାନ୍ତେ।
ଦୁଃଖର ଗହଳେ ସୁଖର ଚହଳେ
ତୁମର ଅଭିନନ୍ଦନ
ସଙ୍କଟ କାଳରେ ତମେ ଢାଳିଦିଅ
ଆଶ୍ୱସ୍ତିର ସମ୍ମୋହନ।

ଲବଣାକ୍ତ ତୁମ ଉଷୁମ ପରଶ
ପ୍ରଲେପ ପାଇଲେ ଛାତି
ଅସରନ୍ତି ଚିନ୍ତା ଧୋଇ ହୋଇଯାଏ
ବଦଳଇ ମନ ସ୍ଥିତି।
ଲୁହଧାର ତମେ ନିଃଶବ୍ଦ ଶବ୍ଦର
ସୁଦିବ୍ୟ ଅମୃତ ଝର
ବୁକୁ ତଳେ ତମେ ଆବେଗର ଛନ୍ଦ
କୋହର ମଧୁ ମହ୍ଲାର।
ଅଲକ୍ଷ୍ୟରେ ତମେ ହରିନିଅ ଦୁଃଖ
ପ୍ରାଣରେ ଭର ଆଶ୍ୱସ୍ତି
ପ୍ରଳୟ ପ୍ରାଣରେ ନିର୍ଲିପ୍ତରେ ତୁମେ
ଭରିଦିଅ ନବ ଦୀପ୍ତି।



ଅଳକା ମହାନ୍ତି
ରାଉରକେଲା

# ଧାରେ ଲୁହ

ଯେତେବେଳେ ଆପଣାର ଲୋକ ଭୁଲ ବୁଝନ୍ତି
ସବୁକିଛି କଲାପରେ ବି ତୁମ ଛୋଟ ଭୁଲ ପାଇଁ ଭୁଲ୍
ବୁଝନ୍ତି ସେତେବେଳେ ଅସରନ୍ତି ମନର କୋହ
ତୁମ ଅଜାଣତରେ ଦୁଇ ଆଖିରୁ ବୋହିଯାଏ,
ସମ୍ପର୍କରେ ଯେତେବେଳେ ଅବିଶ୍ୱାସର ବହ୍ନି ଜଳେ
ବହିଯାଏ ଦୁଇଧାର ଲୁହ
ଯେତେବେଳେ ସବୁଠାରୁ ବିଚ୍ଛିନ୍ନ ହେଲାପରେ,
ପ୍ରଭୁଙ୍କ ଆଶରାରେ ଚାଲିଯାଅ ସେଠି ଅଭିଯୋଗ
ହେଉ

କି ଅଭିମାନ ଭାବରେ ହେଉ କି ଭକ୍ତିରେ,
ଶବ୍ଦଶୂନ୍ୟ ହୋଇପଡ଼େ ଏ ଅମାନିଆ ଲୁହ
ପରିପ୍ରକାଶ କରେ ତୁମ ଅନ୍ତରର ବେଦନା
ଧାର ଧାର ହୋଇ ବୋହିଯାଏ
ତୁମ ଦୁଃଖର ସାରଥି ସାଜି
ତୁମ ସହ ସହଭାଗୀ ହୋଇ ସୁଖ ହେଉ ବା ଦୁଃଖ
ସବୁବେଳେ ତୁମ ସହ ରହିଥାଏ ହୋଇ ସାଥି



**ସ୍ନେହଲତା ଷଡ଼ଙ୍ଗୀ**
**ସାଲେପୁର**

# ଧାରେ ଲୁହ

କେତେବେଳେ ଧାରେ ଲୁହ ହୋଇ
ଅସରାଏ
କେତେବେଳେ ବର୍ଷା ରୂପେ ଅବା
ବହିଯାଏ ।
ଝଡ ରୂପେ କେତେବେଳେ ଛିନ୍ନଛତ୍ର
କରି
ବନ୍ୟା ସାଜି କେତେବେଳେ ପ୍ରଳୟ
ରଚଇ ।
ଅବା କେଉଁ ମୂହୁର୍ତ୍ତରେ ଆଶାସୌଧ
ଭାଙ୍ଗି
ଉଜାଣି ବୁହାଏ କେତେ ନଦନଦୀ
ଲଙ୍ଘି ।
ଆତ୍ମୀୟଙ୍କ ରୁକ୍ଷପଣ ଅବାଟି ସନ୍ଦିଗ୍ଧ
ମିଳନର ମହାନନ୍ଦ ଅଥବା ବିଚ୍ଛେଦ ।
ହସଖୁସିରେ ବିଭୋର ଅବାଟି
ଆବେଗ
ଅସଜଡା ପଥେ କିବା ନିଃସହାୟ
ଭାବ ।
କେତେବେଳେ କାହା ପାଇଁ କେବେ
ନିଜ ପାଇଁ
ନିରୋଳାରେ ବସି ବସି କେତେ
ବର୍ଷୁଥାଇ ।

ଅନ୍ୟକୁ ସୁଖରେ ଦେଖି ନିଜ
ଭାଗ୍ୟ ପାଇଁ
କିବା ଅନ୍ୟ ଦୁଃଖେ ବହେ ନିଜକୁ
ଭୂଲାଇ ।
ସୁନାର ସଂସାର କେବେ ତା'ରି
ପ୍ରକୋପରେ
ଭାଙ୍ଗି ଯାଏ ଥଳକୂଳ ନ ପାଇ
ସଂସାରେ ।
ବହିବାଟା ଅଟେ ତାର ଚିର
ସହଚର
ଦୁଃଖରେ ଅଧୀର କିବା ସୁଖରେ
କାତର ।
ଆତ୍ମାକୁ କ୍ଷତାକ୍ତ କରି ନୟନ
ଯୁଗଳୁ
ବହି ଆସେ "ଧାରେ ଲୁହ "
ସ୍ୱ-ଅଜାଣତରୁ ।



ନିତମ୍ବିନୀ କର
ସୁନ୍ଦରଗଡ଼

# ଧାରେ ଲୁହ

ଝରିଆସେ ଧାରେ ଲୁହ
ଯେବେ ସ୍ମୃତି ସବୁ ଚେଇଁ ଉଠେ
ବିସ୍ମୃତିର ଅତଳ ଗହ୍ୱରୁ
ମନେପଡେ ପିଲାଦିନ ବୋହୂ ବର , ଧୁଳିଖେଳ
ବାଲିଘର
ସଢେଇରେ ରାନ୍ଧିବାର କଳା କଉଶଳ
ବୋଉର ସ୍ନେହ ଆକଟ ବାପାଙ୍କର କୋଳ।।
ହାତେ ଧରି ମୁଠା ମୁଠା ସ୍ୱପ୍ନର ସମ୍ଭାର
ଚଢ଼ି ଚଢ଼ି ସୁଖ ଆଉ ଦୁଃଖର ସୋପାନ
ସ୍ୱପ୍ନଭଙ୍ଗ ଚିତ୍ର ଆଉ ବାସ୍ତବ ପ୍ରହାର
ତରଳି ଯାଏ ଅମର ଅହଂକାର
ଅମାନିଆ ଅଭିମାନ
ଧାରେ ଲୁହ ଯୋଡି ପାରେ, ଉଜୁଡ଼ା ଦେଉଳ।।

ଜୀବନର ଅପରାହ୍ନରେ
ମିଞ୍ଜି ମିଞ୍ଜି ନିଃସଙ୍ଗତାରେ
ଜରାଜୀର୍ଣ୍ଣ ଫାଟକର ପାଖେ ଅପେକ୍ଷା ମୁଦ୍ରାରେ
ଦୂର ରାସ୍ତାକୁ ଚାହିଁଥିବା ବେଳେ ..
ଧାରେ ଲୁହ ବୋହିଯାଏ ଅନେକ ଧାରାରେ
ବଡ଼ ଦାଣ୍ଡ ଧୂଳିର ଛୁଆଁରେ
ଚକା ଆଖି ସହ ଆଖି ମିଶିଗଲା ପରେ।



ମନ୍ଦାକିନୀ ସେନାପତି
କଟକ

# ଧାରେ ଲୁହ

ଜୀବନରେ ଆସେ କେତେ ଦୁଃଖ
ସେଥିରେ କିଛି କ୍ଷଣିକ ସୁଖ
କେଉଁଥିରୁ କ'ଣ ଯେ ପାଇଛି?
କାହାକୁ, କାହିଁକି ହରାଇଛି?
ଯେବେ ବି ବେଶୀ ଦୁଃଖ ଲାଗିଲେ
ବା ମନେମନେ କିଛି ଭାବିଲେ
ସିଧା ଗଡ଼ି ଆସେ ଆଗନ୍ତୁକ
ସେ ଦୀନବନ୍ଧୁ ଶୁଭଚିନ୍ତକ
ମୋ ପାଖରେ ସାନ୍ତ୍ୱନା ଦେବାକୁ
କିଛିଟା ଲାଘବ କରିବାକୁ
ତାହା ଖୁସି , ଦୁଃଖ ଅବା କୋହ
ତା'ର ନାଁ ହେଉଛି -' ଧାରେ ଲୁହ ' ।



ମିର୍ଜା ସନୁଅର ବେଗ " ପାଭିଲ୍"
କୋରାଇ, ଯାଜପୁର

# ଧାରେ ଲୁହ

ଜୀବନର ଏହି ଶୂନ୍ୟତା ମଧ୍ୟରେ କେତେ ଯେ ଖୋଜୁଛି ତୁମକୁ ତାହା
ତୁମେ ଜାଣିପାରିବ ନାହିଁ।
ତୁମର ସେ ଅପରୂପ ମୁଖକୁ ଦେଖିବା ପାଇଁ ମୋର ଏ ନୟନ ଏପରି
ବ୍ୟାକୁଳ ହେଉଛି ଯେପରି , ନିଦାଘର ଉତପ୍ତ ଦ୍ୱିପ୍ରହରରେ ତୃଷାର୍ତ୍ତଟିଏ
ମୁନ୍ଦେ ଥଣ୍ଡା ଜଳ ଲୋଡୁଥାଏ।
ଏ ସଖା ଆସ ଆସନା ଥରେ....।
ଆସ ଗପିବା କିଛି ପ୍ରେମଗପ, ସେଇ କମଳା ରଙ୍ଗର ସୂର୍ଯ୍ୟକୁ ଦେଖି... ।
ଆସ ଆସନା ଥରେ..., ଧୂସର ଆକାଶର ଅଦୃଶ୍ୟ ଫର୍ଦ୍ଦରେ ପବନକୁ
ଲେଖନୀ କରି ଲେଖିଦେବା " ଆମେ ଦୁହେଁ ଦୁହିଁଙ୍କ ପାଇଁ..।"
ଏଇ ମୋ ଭାବନା..
କିଛି ଚିନ୍ତା, କିଛି ଲୁହ,
କେବଳ ତୁମ ପାଇଁ ।
ଆଉ ଏସବୁ ମିଳେଇ ଯାଏ, ନିଜର ସତ୍ତା ହରାଏ ଗଙ୍ଗଶିଉଳିଟିଏ ପରି।
ଆଉ ବହିଯାଏ ଧାରେ ଲୁହ ମୋ ଗାଲ ବାଟଦେଇ ।

ତୁମେ ଯେବେ ଆସି ତୁମ ପ୍ରେମର ପ୍ରଥମ ସ୍ପର୍ଶ ମତେ ଅନୁଭବ
କରେଇବ ସତ କହୁଛି ସଲିଳ ହୋଇ ମିଳେଇ ଯିବି ତୁମ ଦେହରେ।
ହେଲେ ମୁଁ ଜାଣେ ତୁମେ ମୋର ବାସ୍ତବ, ନୁହେଁ ମୋ କଳ୍ପନା।
ତୁମେ କି ଜାଣିଛ କେତେ ଖୋଜେ ମୁଁ ତୁମକୁ !!
ତୁମକୁ ଖୋଜେ ମୁଁ...
ମୋ ହସରେ,ମୋ ଲୁହରେ,
ମୋ ଅନୁଭବରେ, ମୋ ଅନୁଭୂତିରେ,
ମୋ ନିଶ୍ୱାସରେ, ମୋ ବିଶ୍ୱାସରେ,
ମୋ ଚେତନାରେ, ମୋ ଅବଚେତନରେ.. ।
ତୁମସହ ବିତିଥିବା ସ୍ମୃତି ସବୁ ବହିଯାଏ କେଇ ଧାର ଲୁହ ହୋଇ
କିନ୍ତୁ, ସେ ଜାଣେନା ତାର ଠିକଣା... ।



ଶକ୍ତି ସମ୍ପର୍ଣ୍ଣା ସ୍ୱାଇଁ
ସତ୍ୟବାଦୀ, ପୁରୀ

# ଧାରେ ଲୁହ

ବାଟ ଚାଲୁ ଚାଲୁ ବାଟରେ ଝୁଣ୍ଟିଲେ
ପାଦରୁ ରୁଧିର ଝରେ
ମନରେ ଆଘାତ ଲାଗିଲେ ଆଖିରୁ
ବହିଯାଏ ଲୁହ ଧାରେ
ଅକୁହା ଆହତ କରଇ ବ୍ୟଥିତ
ଅନେକ କାହାଣୀ କହେ
ବୁଝିବା ଲୋକଟି ବୁଝୁ ବା ନ ବୁଝୁ
ସହିବା ଲୋକଟି ସହେ
ଛାତି ତଳ କୋହ ଫୁଟି ହୁଏ ଲୁହ
ଅଜଣା ଯନ୍ତ୍ରଣା ଦିଏ
କାନି ପଣତରେ ଲୁଚିଯାଏ ଅଧା
ଆଉ କିଛି ଓଠ ପିଏ

ସରଳ ଉପରେ କୁଟ ଛଳନାର
ରୂପ ଯେବେ ଭାରି ପଡ଼େ
ବିଶ୍ୱାସ ସହିତ ପ୍ରତାରଣା ହେଲେ
ଲୁହ ଧାରେ ତହୁଁ ଗଡ଼େ
ନିଦାଘ କିରଣ ପଡିଲେ ନଈରେ
ଜଳଧାର ଶୁଖିଯାଏ
ଆଖି ଲୁହଧାର ଶୁଖେ ସତ ସିନା
ଚିହ୍ନ ତାର ରହିଥାଏ



ସୁହଂସ ଭୋଇ
ପହଣ୍ଡି, ବରଗଡ଼

# ଧାରେ ଲୁହ

ଅସୁମାରୀ ସ୍ୱପ୍ନ, ଅନେକ ଆଶା
ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଲା
ଯେବେ ତୁମ ବିବାହ ନିମନ୍ତ୍ରଣ ଆସି
ପହଞ୍ଚିଲା ମୋ ପାଖରେ।
ଏକା ନିଃଶ୍ୱାସରେ ପଢି ସାରି
ଯେବେ ଅନେଇଲି ଗବାକ୍ଷ ଆଡକୁ
ଧାରେ ଲୁହ ବହି ଯାଇଥିଲା
ଭିଜାଇ ଦେଇଥିଲା ଗଣ୍ଡଦେଶକୁ।
ସତରେ କେତେ ନିଷ୍ଠୁର ତୁମେ!
ଦୁହେଁ ସଜେଇଥିବା ପ୍ରୀତିର ତାଜମହଲ
ଏମିତି ଭାବରେ ଭାଙ୍ଗିଦେଲ
ତୁମ ମିଠା କଥା ତୁମ ପ୍ରତିଶ୍ରୁତି
ସବୁ ମିଛ ହୋଇଗଲା କେମିତି?

ଛାତିର କୋହ ଧାରେ ଲୁହ ହୋଇ
ସାନ୍ତ୍ୱନା ଦେଉଥିଲା ଆଉ ଲୁହ ଝରାନା
ପାଗେଳୀ
ଏଠି ସବୁ ମଣିଷ ସୁବିଧାବାଦୀ
କେବେ କାହା ଉପରେ ବିଶ୍ୱାସ ଆଉ ଭରସା
କରନା।
ବୁଝିଗଲି ମୁଁ...
ଆଖିର ଧାରେ ଲୁହ କେବେଠୁ ଶୁଖି ଗଲାଣି
ସେଇ ଧାରେ ଲୁହ ମୋ ଜୀବନର
ଗତିପଥ ବଦଳେଇ ଦେଲା।

ସରୋଜିନୀ ବେହେରା
ପାଳଲହଡା, ଅନୁଗୁଳ

# ଧାରେ ଲୁହ

ଧାରେ ଲୁହ କହେ ବେଦନାର କଥା
ବୁଝିଲା ଲୋକ ବୁଝିବ
ଅନ୍ତର ଭିତରେ କେତେ ଯେ ଯନ୍ତ୍ରଣା
ଆଖି ଲୁହ କହିଦେବ ।
ହୃଦୟ ଯନ୍ତ୍ରଣା ଅତିଶୟ ହେଲେ
ଧାରେ ଲୁହ ବହିଯାଏ
ମାଆର ପଣତକାନି ଆବେଗରେ
ଲୁହଟିକୁ ପୋଛିଦିଏ ।
ଦୁଃଖ ଓ ସୁଖର ସହଭାଗୀ ଅଟେ
ଆଖିର ଦି ଧାର ଲୁହ
ହସ ଓ ଖୁସିରେ ଲୁହ ଝରିଥାଏ
ରୋକି ନ ପାରିଣ କୋହ ।

ବହିଗଲେ ଲୁହ ଧାର ଧାର ହୋଇ
ଯନ୍ତ୍ରଣାଟି ଦୂର ହୁଏ
ମନର ବେଦନା ଯାହା ଥାଏ ହୃଦେ
ତକ୍ଷଣେ ଦୂରେଇ ଯାଏ ।
ଯାଜ୍ଞସେନୀ ଓ ମାତା ସୀତାଙ୍କର
ଦୁଇ ଧାର ଲୁହ ପାଇଁ
କୌରବ ଓ ଦଶାନନଙ୍କ ଗାରିମା
ସବୁ ଗଲା ଚୁର୍ଣ୍ଣ ହୋଇ ।

ଦିବ୍ୟ କିଶୋର ମିଶ୍ର
ବରଗଡ

# ଧାରେ ଲୁହ

ଯନ୍ତ୍ରଣାର ଜୀବନ ବେଳାରେ
ବହିଯାଏ ଧାରେ ଲୁହ
କେତେ କଷ୍ଟ କେତେ ଦୁଃଖ
ଝରିଯାଏ ନିରୋଳାରେ ।
ହାରିବା ହରେଇବା ଯନ୍ତ୍ରଣାରେ
ବହିଯାଏ ଧାରେ ଲୁହ
ଜୀବନ ପଥରେ କିଏ ବା କାହାର
ବୁଝିବାକୁ ଧାରେ ଲୁହକୁ ।
ଅପାର ଖୁସି ଜୀବନ ସଫଳତାରେ
ବହିଯାଏ ଧାରେ ଲୁହ
ଖୁସିର କୋହ ଝରେ ହୋଇ ଲୁହ
ଧାରେ ଲୁହ ଖୁସି ବାଣ୍ଟିବାକୁ ।
ମନର ମଣିଷ ଯେବେ ହୁଏ ପର
ବହିଯାଏ ଲୁହ ଧାର
ସାହା ନାହିଁ ଆଉ ତା ଜୀବନେ କେହି
ଲୁହ ଧାର ଖାଲି ଯାଏ ବହି ।

ହଜିଲା ମଣିଷ ମିଳିଗଲେ ଥରେ
ଖୁସିରେ ବହେ ଲୁହ ଧାରେ
ଖୁସୀ ବୁଣିବାକୁ କାନ୍ଦେ ଲୁହ ଧାରେ
ହୃଦୟର ଭାବ ବଖାଣିବାରେ ।
ଲୁହ ଧାରେ କଥା କୁହେ
ନୟନେ ଗଡାଇ ଲୁହ ଧାରେ
ଦୁଃଖ ସୁଖର ଭାବତ ସିଏ
ସଂସାର ନିୟମ ଇଏ ।
କାହାର ସୁଖ କାହାର ଦୁଃଖ
କାହାର ଲୁହ କାହାର କୋହ
କିଏ ବା ପାରିବ ଏସବୁ କହି
ଧାରେ ଲୁହ ନ ଯାଏ ବହି ।

ଅଗଣି ପଣ୍ଡା
ଉଦଳା, ମୟୁରଭଞ୍ଜ

# ଧାରେ ଲୁହ

ଦୁଃଖରେ ହେଉ ଅବା ସୁଖରେ
ହେଉ
ଲୁହ ହୋଇ ବୋହିଯାଏ
ଧାରେ ଲୁହ ଯେବେ ଖାଲି
ଆସିଯାଏ
ଓଠ ଖାଲି ପିଉଥାଏ ||
ଏ ମନରେ ଯେତେ ଯନ୍ତ୍ରଣା
ଥାଉନା
ଲୁହ ତ ହାଲୁକା କରେ
ଝରିଗଲେ ଲୁହ କୋହ କମିଯାଏ
କଷ୍ଟକୁ ଦୂରେଇ ଦିଏ ||
କାହା ଆଖିରୁ ଝରେ ଦୁଃଖର ଲୁହ
ଝରି ଝରି ଝରୁଥାଏ
ଆଉ କାହା ଆଖିରୁ ଖୁସିର ଲୁହ
ସୁଖ ଭରି ଦେଇଥାଏ ||



ଝରଣା ରାଉତ
କରପଦା,ବିଂଝାରପୁର
ଯାଜପୁର

# ଧାରେ ଲୁହ

ଏ ସାରା ସୃଷ୍ଟିର ସବୁରୀ ଶରୀରେ
ଲୁହର ନାମ ସ୍ୱତନ୍ତ୍ର
ଶରୀରର ଚକ୍ଷୁ ଭିତରେ ରୁହଇ
ସୁଖେ ଦୁଃଖେ ଓତପ୍ରୋତ।।
ପୃଥ୍ୱୀ ରଜସ୍ୱଳା ଲୋତକରେ ହୁଏ
ଇନ୍ଦ୍ର ଦେବ ଦୟା କଲେ
ମାନବ ସମାଜ ବିମୋହିତ ହୁଏ
ନାରୀର ଲୁହ ଦେଖିଲେ।।
ଏପରି ସମାଜେ କାର ଅବସ୍ଥିତି
ଲୁହ କରେ ନାହିଁ ବଂକା
ନିଶାର୍ଦ୍ଧ ରାତ୍ରୀରେ କାଳ କବଳରେ
ଲୋତକ ଆଣଇ ଶଙ୍କା।।

ଯେତେ ଭୟ ଅଛି ଏହି ଦୁନିଆରେ
ଲୁହର ଭୟ ଅଧିକା
କେତେ କେତେ ମହାରଥି ଟଳିଯିବେ
ଲୁହ ଦେଇଥାଏ ଦକା।।
ଦୁଃଖର ଲୁହରେ ସଂସାର ଉଛନ୍ନ
ସୁଖ ଲୁହ ଦିଏ ଖୁସି
କୃତ୍ରିମ ଲୁହଟି ବିପଦ ଆଣଇ
ମୁନୀ ଋଷି ଯିବେ ଫସି।।
ଲୁହରେ ଲେଖନ୍ତି କେତେଜଣ ଚିଠି
ଲୁହେ ହୃଦ ଯାଏ ଫାଟି
ଲୁହ କିଣି ପାରେ ଅପୂର୍ବ ସଂପଦ
ସଭିଙ୍କୁ କରେ ଏକାଠି।।
ଲୁହର ଘରଟି ଅତୀବ ସୁନ୍ଦର
ଦେଖାଯାଏ ନାହିଁ ଗ୍ରନ୍ଥି
ଲୋତକର ଗ୍ରନ୍ଥି ଥିଲେ ମଜଭୂତ
କିଣଇ ସାରା ସଂପତ୍ତି ।।
ଶରୀରର ଏକ ଅମୂଲ୍ୟ ସଂପଦ
ଲୋତକ ତାହାର ନାମ
ସେ ଲୋତକ ବଳେ ଜଗତକୁ ଜିଣେ
ଜପେ ଭଗବତ ନାମ।।
ଧାରେ ଲୁହ ଯଦି ସୃଷ୍ଟି କରେ ଭାବ
ଅଭାବି ରହିବେ କାହିଁ
ରାଜା ରଣଜିତ ପ୍ରଜା ବିମୋହିତ
ପୁସ୍ତକେ ପଢ଼ିଛି ମୁ ହିଁ।।

ଲୋତକଟି ଏକ ଲମ୍ବ ରଜ୍ଜୁ ସାଙ୍ଗେ
ତୁଳନା ତାହାର ନାହିଁ
ଜଗତ ଯାକର ମାୟା ଗନ୍ତା ଘର
ତା ବିନୁ ନଥିବେ କେହି।।
ଲୋତକ ଆମର ସମୁଦ୍ରର ପାଣି
ତିନି ରୂପେ ସୁଶୋଭିତ
ଲବଣ ମାଧୁର୍ଯ୍ୟ ରଂଗ ରୂପ ହୀନ
ସର୍ବ ଦୋାଏ ବିରାଜିତ।।
ବାନ୍ଧି ପାରେ ବଂଧୁ ଲଂଘି ପାରେ ସିନ୍ଧୁ
ସେତୁ ସାର ସେ ସାଗର
ତାର ବିନା କେହି ଜଗତରେ ନାହିଁ
ସିଏ ତ ଭବ ସାଗର।।
ସୁଖ ଦୁଃଖ ଆମେ ଦୁଇଗୋଟି ଭଉ
ଲୁହରେ କରିଛ ଘର
ଆବଶ୍ୟକ ସ୍ଥଳେ ଆନନ୍ଦର ବେଳେ
ସଭିଏଁ ଆମ ନିଜର।।
କାନ୍ଦି କାନ୍ଦି ଦିନେ ଆସିଲି ସଂସାରେ
ଯିବି ପିତୁଳା କ୍ରନ୍ଦନେ
କବିବଂଧୁ ସ୍ଥଳେ ପ୍ରଣାମ କରୁଛି
ରଖିବ ଜୟାକୁ ମନେ।।

ଜୟନ୍ତୀ ପତି
କଟକ

# ଧାରେ ଲୁହ

ମଙ୍ଗଳମୟ ହେ ପ୍ରଭୁ ଜଗନ୍ନାଥ
କରୁଛି ମୁହିଁ ଗୁହାରି
ନୀଳାଚଳେ ତୁମେ ବସିଛ ମଉନେ
ଭାଙ୍ଗୁନି ନିଦ ତୁମରି ।
ଆଖିର ଲୁହରେ ଡଙ୍ଗା ଭାସୁ ଅଛି
ପାଉ ନାହିଁ ଥଳକୁଳ
ତୁମେ ନ ଚାହିଁଲେ ଆଉ କେ ଚାହିଁବ
ବୁଡ଼ିଯିବ ମୋର କୂଳ ।
ଜଗତ ଯାକର ଦୁଃଖ ହାରୁ ବୋଲି
ନାମ ତୋର ଜଗନ୍ନାଥ
ମୋ କୂଳ ବୁଢିଲେ କି ଲାଭ ପାଇବୁ
ଡାକୁଛି ଜଣେ ଅନାଥ ।

ତୋର ନିରିମାଲ୍ୟ ଦେବୁ ମୋ ତୁଣ୍ଡରେ
ସବୁ ଦୁଃଖ ହେବ ଦୁର
ଦିନ ଗଣୁଅଛି ସେ ଦିନକୁ ମୁଁହି
କେବେ କୃପା ହେବ ତୋର ।
ଷାଠିଏ ପୋଉଟି ଭୋଗ ଖାଇ ଯେବେ
ଖଟେ ମାରୁଅଛୁ ହାଇ
ପତିତପାବନ ବାନା ଉଡାଉଛୁ
କି ଲାଭ ପାଉଛୁ ତୁହି ।

ଖଗେଶ୍ୱର ନାୟକ
ମଙ୍ଗଳପୁର,
ଯାଜପୁର

# ଧାରେ ଲୁହ

ମାଆ ମାଟି ଭାଷା ଜୀବନ ମୋହର
ସେଥିପାଇଁ ତେଜିଅଛି ମୁହିଁ ଘର
ସୁରକ୍ଷା ପ୍ରହରୀ ସାଜିଲି ଦେଶର
ବୀର ସନ୍ତାନ ମୁଁ ମରି ବି ଅମର ।
ଶହୀଦ ଯବାନ ମୁହିଁ ଏ ଦେଶର
ଦଶ ଦିଗ ଦିଶେ ସବୁଜ ସୁନ୍ଦର
ଧାରଧାର ଝରେ ଧାରେ ଲୁହଗାର
ବହିଯାଏ ଅଙ୍ଗୁ ଲହୁ ଲୁହେ ମୋର ।
ବର୍ଦ୍ଦି ପୋଷାକେ କରିଥିଲି ଶପଥ
ନକରିବି କେବେ ବିଶ୍ୱାସ ଘାତକ
ଜୀବନର ଶେଷ ସନ୍ଧ୍ୟା ପର୍ଯ୍ୟନ୍ତ
ଏଣୁ ଆତ୍ମା ଲଭେ ସଦା ଆହ୍ଲାଦିତ ।

ଢାଳି ନିଜ ରକ୍ତବିନ୍ଦୁ ସର୍ବତ୍ର
ସଭିଙ୍କୁ ନମିଲେ ଭାଗ୍ୟେ ମହତ
ଶହୀଦ ଯବାନ ଦେଶର ସେବକ
ତୋପ ସଲାମ ସମ୍ମାନେ ଶୋଭିତ ।
ଆତତାୟୀ ଚୋଟେ ହୋଇଲି ନିହତ
ଦେଶ ଜାତି ପାଇଁ ପ୍ରାଣ ଉତ୍ସର୍ଗୀକୃତ
ଆତ୍ମୀୟ ସ୍ୱଜନ ଧାରେ ଲୁହ ସତ
ପିତାମାତା ମୋ ପାଇଁ ଖୁବ୍ ଗର୍ବିତ ।

ତୃପ୍ତିରାଣୀ ପାତ୍ର
ସହଦେବଖୁଣ୍ଟା, ବାଲେଶ୍ୱର

# ଧାରେ ଲୁହ

ଲୁହ ଧାରଟିଏ କେବଳ ସମବେଦନାର ଇସ୍ତାହାର ନୁହେଁ
ପ୍ରାୟଶ୍ଚିତର ପ୍ରୟାସ
କିମ୍ବା ହୃଦୟ ବ୍ୟଥାର
ଉପଶମ ବି ନୁହେଁ।
ଲୁହ ଧାରଟିଏ ତ୍ୟାଗର
ଆତ୍ମ ବଳିଦାନର
ଅଥବା ପରକୁ ଆପଣାର କରିବାର
ସୁନ୍ଦର ଅଭିବ୍ୟକ୍ତିଟିଏ।
ପ୍ରିୟ ବ୍ୟକ୍ତି ସହ ଦୀର୍ଘଦିନର ସାକ୍ଷାତ ପରେ
କେମିତି କେଜାଣି

ଲୁହ ଧାରଟିଏ ଗଡି ଯାଏ
ନେତ୍ରୁ ଅଜାଣତରେ।
ସେଇ ଲୁହ ପୁଣି ବରଷି ଯାଏ
ସନ୍ତାନର କଲ୍ୟାଣ କାମନାରେ।
ସାତ ସମୁଦ୍ରର ଜଳଠାରୁ ଏ ଲୁହ ଧାରାଟିଏ ବି ବେଳେବେଳେ
ଆହୁରି ପ୍ରଳୟଙ୍କରୀ ହୋଇପାରେ
ପୁଣି ହୃଦୟର ମଧୁର ରସ ଠାରୁ ବି
ଏ ଲୁହ ଧାରକ ଆହୁରି ଆପଣାର କରିପାରେ।

ସସ୍ମିତା ରାଣୀ ମହାପାତ୍ର

# ଧାରେ ଲୁହ.

ଅକସ୍ମାତ କାନ୍ଥରେ ଅନେକ ଦିନୁ
ଟଙ୍ଗା ହୋଇଥିବା ଫଟୋ ଚିତ୍ରରେ ନଜର
ପଡେ, ଦେଖିଲି
ଶିଶୁଟିଏର ଛବି, ଦୁଇଟି ସଜଳ ଆଖି
ଗୋଟିଏ ଆଖିରୁ ଧାରେ ଲୁହ ବୋହି ଆସିଛି
ଗଣ୍ଡଦେଶ ପର୍ଯ୍ୟନ୍ତ, ମୁଣ୍ଡରେ ଆଲୁରା ବାଳ
ଓଠରେ ହସ ଧାରେ ଶୁଖିଯାଇଛି, ଇଂରାଜୀରେ
ଲେଖା
ଯାଇଛି "Do not worry, be happy,"
ମନଟା
ଉଦବେଳିତ ହେଲା, ମନେହେଲା ଶିଶୁଟି
ଅନେକ
ଘାତ ପ୍ରତିଘାତ ସହି ସହି, ପିତା ମାତାଙ୍କୁ ହରାଇ
ବେସାହାରା ହୋଇଛି

ଅନେକ ଦିନ ଭୋକ ଓ ଶୋଷରେ କଟାଇ
ନିଜକୁ ପଥର ପ୍ରାୟ କରିଛି ଏବଂ ଦୁନିଆ କୁ କହୁଛି
ତଥାପି ମୁଁ ବଂଚିଛି ବିନା ସ୍ନେହ ବିନା ମମତାରେ
ତୁମେ କାହିଁକି ନ ବଂଚିବ... ସତରେ ଧାରେ ଶୁଖିଲା
ଲୁହ କହପାରେ ଅନେକ କଥା ଏବଂ ସହିପାରେ
ଅନେକ ବ୍ୟଥା... ତଥାପି ଏ ମଣିଷକୁ ବଂଚିବାକୁ
ହୁଏ ଆଗାମୀ ସୂର୍ଯ୍ୟ ପାଇଁ..... ମଥା ଟେକି.....।
,

ସରୋଜିନୀ ବରାଇ

# ଧାରେ ଲୁହ

ମନ ଆଖି ନଈ ଯେବେ ଯାଏ ବହି
ଶତ ଧାର ଲହୁ ଲୁହ ହୋଇଯାଏ
ଦୁଃଖ ଅବା ହେଉ ସୁଖ ଅବା ହେଉ
କେବେ ମାନ ଅଭିମାନ କରେ।
ହୃଦୟ ଯନ୍ତ୍ରଣା ବିଦାରକ ହେଲେ
ଧାରଧାର ହୋଇ ଲୁହ ତ ବୁହେ
ମା' ର ପଣତକାନି ହୁଏ ଚିରସାକ୍ଷୀ
ଓଠରେ ବନ୍ୟା ପ୍ଲାବିତ ହୁଏ ।
ଶତ ଲୁହଧାର ଅବିରତ ବହିଯାଏ
ମନର ମାନସୀ ହାଲୁକା ହୁଏ
ଅନ୍ତର ଭିତରେ କାମନା ବାସନା
ଝଡ ତୋଫାନର ରୂପ ନିଏ।

ସୁଖ ହେଉ ଅବା ଦୁଃଖ ଓ ଯାତନା
ଲୁହ ତ ଜୀବନ ଚିର ସାକ୍ଷୀ
ଆଖିର ବେଦନା କେ ଅବା ଜାଣିବ
ନୁହେଁ କେ ସମର୍ଥ ଦିବାନିଶି।
ଅମାନିଆ ଝଡରାତି ମରୁଭୂମି ସମ
ଆଖିଧାର ବେଳାଭୂମି ଡେଇଁ
ଧାରେ ଲହୁ ଲୁହ ହୋଇ ବିଦିର୍ଣ୍ଣ କରଇ
ଜନ୍ମଜନ୍ମର ସମ୍ପର୍କ ବେଳା ଛୁଇଁ।

ଦେବେନ୍ଦ୍ର ନାଥ ବାରିକ
ରତାଗଡ ବାଙ୍କୀ, କଟକ

# ଧାରେ ଲୁହ

କେବେ ଧାରେ ଲୁହ
ଆକାଂକ୍ଷୀ ଖୁସିର ସୁଅ
କେବେ ଧାରେ ଲୁହ
ଅପାର ଦୁଃଖର କୋହ
କେବେ ଧାରେ ଲୁହ
ଦିଅଁ ମିନତୀର ପରିପ୍ଳୁତ
କେବେ ଧାରେ ଲୁହ
ସମ୍ପର୍କର ନୀରବ ବାତ୍ସଲ୍ୟ
କେବେ ଧାରେ ଲୁହ
ଇପ୍ସିତର ଶାନ୍ତ ସ୍ୱାଗତ
କେବେ ଧାରେ ଲୁହ
ଅସୀମ ସ୍ମୃତିର ସନ୍ତକ
କେବେ ଧାରେ ଲୁହ
ଘମା ସଂଘର୍ଷର ପ୍ରକାଶ
କେବେ ଧାରେ ଲୁହ
ବିରହ ଗ୍ଲାନିର ସଙ୍ଗୀତ

କେବେ ଧାରେ ଲୁହ
ବିଚ୍ଛେଦର ଘନ ଅନ୍ଧାର
କେବେ ଧାରେ ଲୁହ
ତପସ୍ୟାର ମନ୍ତ୍ର ସୁସ୍ୱର
ଧାରେ ଲୁହ
ଆମ ସ୍ୱନକ୍ଷତ୍ରର
ଆମ ଯବନିକାର
ଚିର ସହଚର
ସୁସ୍ପଷ୍ଟ ସ୍ୱାକ୍ଷର

**ହରିଶ କୁମାର ପଣ୍ଡା**
**ବାଲେଶ୍ୱର**

# ଧାରେ ଲୁହ

ବିଦା ହେଉଥିଲା କନ୍ୟା ରତନଟି
ସଭିଙ୍କ ଆଖିରେ ଲୁହ
ଭରା ନଈ ଭଳି ବହି ଯାଉଥିଲା
ମାଆ ହୃଦୟର କୋହ।
ସାଙ୍ଗ ସାଥି ଯେତେ ବନ୍ଧୁ ପରିଜନ
ପୋଛୁଥିଲେ ଯେଝା ଆଖି
ଅସରା ଲୁହରେ ଘେରି ଯାଇଥିଲେ
ଆତ୍ମୀୟତା ଡୋରେ ସଖି।

ସଞ୍ଚିତ ଅର୍ଥରେ କେତେ ଆନନ୍ଦରେ
ଯାନି ଯଉତୁକ କିଣି
ବନ୍ଧୁ ମହଲରେ ଚମକ ଖେଳାଇ
ମନ ନେଉଥିଲା ଜିଣି।
ଆଜି ସେ ନିଷ୍ପ୍ରାଣ ପାଷାଣ ଛାତିକୁ
ଛୁଇଁଗଲା ଧାରେ ଲୁହ
ଅତି ଅଳିଅଳି ଛାତିର କଳିଜା
ପର ହେବା ଦୁର୍ବିସହ।



ପ୍ରତିମା ବାରିକ
ବାବେବିରା
ବରଗଡ଼

# ଧାରେ ଲୁହ।

ଭାରି ଅବୁଝା ଏ ମନ
ଏତେସବୁ ଜାଣିଲା ପରେ ବି
ତଥାପି ମୁଁ ଭଲ ପାଉଛି
ସେନେହ ଶରଧା ଦେଇ।।
ସେଥିରେ ପୁଣି କାହିଁକି ବ୍ୟତିକ୍ରମ?
କଥା କଥାକେ ଆସିଯାଏ ଧାରେ ଲୁହ!!
କୋଉଠି ପୋଛିବି ଲୁହକୁ
ତୁମ ଅବିଶ୍ୱାସର ପଣତ  କାନିରେ କି!!
ଲୁହ ଆଉ କୋହ
ଚିର ସାଥୀ ମୋର
ଭାବିଛି ତୁମକୁ ହିଁ ସମର୍ପିବି
ଜୀବନର ସବୁ ସୁଖ।।

ହେଲେ ଲୁହ ଧାରଟିଏ  ସମ୍ଭାଳି ପାରୁନି
ଚାହୁଁ ଛି ସେ ବହିଯିବ ନଈପରି
ତୁମେ କିନ୍ତୁ ଅଚଳ,ନିର୍ବାକ
ନାହିଁ ତୁମ ପାଶେ ଆଶ୍ୱାସନା ର ସ୍ୱର।।
ସବୁଥିରେ ନ ଥାଏ ପୂର୍ଣ୍ଣଚ୍ଛେଦ
କାହା ଲୁହରେ ଭିଜୁଛି ମାଟି
ହେଉ ପଛେ ଜୀବନର ଅୟମାରମ୍ଭ
ଅଥବା ଶେଷ ସୋପାନ!!



ଡଃ ଉତ୍ପଳା ଦାଶ ଷଡ଼ଙ୍ଗୀ
ଜାମସେଦପୁର। ଝାରଖଣ୍ଡ

# ଧାରେ ଲୁହୁ

ଲୁହୁ ଅଛେ କିସମ୍ କିସମ୍ ତାର କଥାଟା ବଢେ
ବିଷମ୍।
ଶୁନ ସୁଧିଜନ୍ ଲୁହୁ ବାହାରିସି ଅତି ଦୁଃଖେ
ନାହେଲେ ସୁଖେ ଥିବା ଯଧରି ମନ୍ ।।
ଗାଈ ହେଉକି ମାଈ ହେଉ; ଗୁରସ
ଖୁଅଉଥିବା ଛୁଆକେ।
ଦେଖଲେଁ ମନଭିତରୁ ଖୁସିର୍ ଜୁଆର୍
ଆଏସି,ଆଏଁଖ୍ ନୁ ଲୁହୁର୍ ଧାର୍ ଟେ ।।
ଛୁଆ ଜନମ୍ ହେଇ ସାରିଥିବାର୍ ମାଁ କେ,
ଧରେଇ ଦେବ ଯେନତା ଛୁଆକେ।
କୁଲେଧରି ମାଁ ଦୁଃଖ ଦେସିପାସରି ଆଏଁଖ୍ ନୁ
ଝରି ଯାଏସି ଲୁହୁ ଧାର୍ ଟେ ।।
ଭଲ ପାଉଥିବା ର୍ ଅପେକ୍ଷାଥି ଦିନ
ସରୁଥିବା।
ଜୀବନର୍ ଆଶ୍ ବିଶାଷ୍ ନିଜର୍ ଉପରେ ନାଇଁ
ଥିବା ।।
ଶେଷର୍ ବେଲେ ପ୍ରେମି ଠିଆହେଲେ ପାଶେ।
କିଛି କହି ନାଇଁ ପାରେ ମୁହୁଁ ଆଏଁଖ୍ ଉପହାର୍
ଦେସି ଲୁହୁ ଧାର୍ ଟେ ।।

ଝି' ଜନମ୍ ପର୍ ଘର୍ କେ ବଲି ଝି' କେ ଦେସନ୍
ଯମ୍ ପୁର୍ କେ।
କାନ୍ଦସନ୍ ସଭେ ଛେଉଁଡ ହେଇ ଝି' କେ
ବଟାଲା ବେଲକେ।।
ବାପ୍ ଭାଏ ଭିଲ ଛେଉଁଡ୍ ହେସନ୍ କହି ନାଇଁ
ପାରନ୍ ମନର୍ କଥାଟା ।
ଦାଇତ୍ୟ ଭିତରେ ଜାନି ନାଇଁ ପାରନ୍
କେତେବେଲେ ବୁହି ଯାଏସି ଲୁହୁ ଧାର୍ ଟା।।
ସବୁ ମୁନୁଷ୍ ଈଶ୍ୱର ବିଶାସି ପୂଜା କରି ମନେ
ପାଏସନ୍ ଖୁସି।
କେଭେ ଆତ୍ମା ପରମାତ୍ମା ମିଲନ୍ ହେଇଗଲେ
ସୁଦ ନାଇଁ ରହେ ଆଏଁଖ୍ ଥୁ ଖାଲି ଲୁହୁର ଧାର୍
ଝରସି।।


**ସବିତା ଷଡଙ୍ଗୀ**

**ଧନୁପାଲି**

# ଧାରେ ଲୁହ

ଧାରେ ଲୁହ ଜିଣିନିଏ ସଭିଂକ ମନ,
ଭକ୍ତିଭରା , କୋହଭରା ଆନନ୍ଦର ଅଶ୍ରୁ।

ଲୁହଯେ ଅଟଇ ଅସରନ୍ତି ନଈସମ ଧାର ,
ଦିନେ ସଭିଂକ ନୟନରେ ଆଣିଥିଲା ,
କୋରୋନାର ଧାରେ ଲୁହ,
ମନେ ପଡି ନୟନରୁ ଲୁହ ଧାର ଧାର ପଡେ ଖସି।

ମୃତ୍ୟୁର ବିଭର୍ଶ ତାଣ୍ଡବ ପାଖରେ,
ମନରେ ଗୁମୁରି ଉଠି ଝରି ପଡେ ଧାରେ ଲୁହ।
ଆତ୍ମୀୟଜନର ବିହୁନେ ବିସମ ଐ ମନ,
ଉଦାସୀନ ଛାଇ ଯାଇ କାନ୍ଦି କାନ୍ଦି ପଡେ ଖସି ଧାରେ ଲୁହ।

ରାଜପଥ, ଗୃହଦାଣ୍ଡ ଶୂନ୍ୟତା ଛାଇ ଥିଲା,
ଗୃହେ ବବନ୍ଦୀ ନ୍ଧି ହୋଇ ନିସ୍ତବ୍ଧ
ନିରବେ ଭାବେ।
ମାନବର ଦୁର୍ଦ୍ଦଶାକୁ ପ୍ରକୃତି ଦେଇଛି କି କଷ୍ଟ,
ଲୋକେ ମରୁଥିଲେ ମାଳ ମାଳ,
ଶବବାହକଟିକୁ ଦେଖି ଝରି ପଡେ ଧାରେ ଲୁହ।

ମଣିଷର ଅପହଞ୍ଚ ଦୂରତାର ବିଚ୍ଛେଦରେ,
ଓଠ ଥରି ଛାତି ଫଟା ଧାରେ ଲୁହ ଝରିପଡେ।

ନିଃସଂଗତା ମୃତ୍ୟୁରେ ଶୂନ୍ୟତା ଛାଇ ପାଦ ହୁଏ ସ୍ଥାଣୁ,
ଧରିତ୍ରୀ ଥରି ଉଠିଥିଲା ଆକାଶରେ ଅନ୍ଧକାର ଛାଇ।
ନିସ୍ତବ୍ଧ ପୃଥିବୀ ଦେଖି ଟିପ୍ ଟିପ୍ ଖସି ପଡେ ଧାରେ ଲୁହ,
ସେ ମୃତ୍ୟୁର ଭଉଁରୀ ଭିତରେ ହନ୍ତ ସନ୍ତ ନିଃସଂଗ ମାନବ ଜୀବନ।

ଦୁଃଖକୁ କ୍ଷଣିକ ପାଇଁ ଭୁଲି ,
ମନ ରେ ଆଶା ଭରି ବଞ୍ଚିଥିଲା।
ପୂର୍ବେ କେବେ ଦେଖି ନ ଥିଲି,
ନିଃସଂଗତାର ମୃତ୍ୟୁର ତାଣ୍ଡବ ।

ନୀରବତା ପୁଣି ନିବିଡ଼ତାର ଦହନ,
ତୁମେ ମନେ ରଖିଅଛ?
ମୁଁ କିନ୍ତୁ ଭୁଲି ନାହିଁ,ମୃତ୍ୟୁର ତାଣ୍ଡବ।
ମନେ ପଡି ଖସି ପଢେ ଧାରେ ଲୁହ,
ଦୁଃଖ ସୁଃଖର ଶ୍ରଦ୍ଧାର ସାଥୀ ଧାରେ ଲୁହ

**ପ୍ର' ଡ. ପଦ୍ମାଳୟା ପଣ୍ଡା,**
**ହୀରାକୁଦ**

# ଧାରେ ଲୁହ

ଯାହା ଦୋଷ କଲେ  ଧରାଯାଏ ନାହିଁ
ପୁରୁଷ ଜାତିକୁ ଜାଣ ।
ସାମାନ୍ୟ ଦୋଷ ଯେ  କରିଥିଲେ ନାରୀ
ମାଡ଼ ଖାଇ ଯାଏ ଦିନ ।୧।
କହନ୍ତି ସରବେ  ଲୁହ ଗଡ଼ାଇଲେ
କୃପା କରନ୍ତି ଦେବତା ।
ଧାରେ ଲୁହ ମୋର  ତରଳାଇ ଦେବ
ହୃଦ ମୋ ପତି ଦେବତା ।୨।
ସଚ୍ଚା ପ୍ରେମ ମୋର  ଜାଗ୍ରତ କରିବ
ମୋ ପତି ହୃଦୟେ ସ୍ନେହ ।
ଅନାବିଳ ପ୍ରେମ  କରିବେ ସେ ମୋତେ
ମିଶିଯିବ ଆମ ହୃଦୟ ।୩।

କହୁଛନ୍ତି ସ୍ୱାମୀ  କ୍ଷମାକର  ମୋତେ
କରିଅଛି ମୁଁହି ଦୋଷ ।
ଅନ୍ଧକାରୁ ଆଲୋକ  ମାର୍ଗକୁ ନେଲ
ଅଟ ପ୍ରାଣପ୍ରିୟା ମୋର ।୪।
ଏ ସମୟେ ଧାରେ  ଲୋତକ ବୋହିଲା
ଆଖି ବୁଜି ଜାଣ ମୋର ।
ଆନନ୍ଦାଶ୍ରୁ ସେହି ଲୋତକ ଅଟଇ
କହନ୍ତି ତା ସଚ୍ଚା ପ୍ରେମ ।୫।
ଏକ ହୋଇଣ ଯେ  ଦୁଇଟି ହୃଦୟ
ବୋଲାଇଲା ତାହା ପ୍ରେମ ।
ନ ଥିଲା ସେ ପ୍ରେମେ  ଅମା ଅନ୍ଧକାର
ସେନେହର ତାରତମ୍ୟ । ୬।

ଗୋପୀନାଥ ଷଡ଼ଙ୍ଗୀ
ସମ୍ବଲପୁର

# କଲମ ପରିବାର, ସମ୍ବଲପୁର



ମୁଖ୍ୟ ସମ୍ପାଦିକା
ରେସମା ବାନୋ

ଧାରେ ଲୁହର କାହାଣୀ
ପଲକେ ଜୀବନର ସ୍ପନ୍ଦନ
ମୁଠାଏ ଆୟୁଷ
ତଥାପି
ଅବିରାମ ତାର ଗତି
ଅଶାନ୍ତ ସବୁ ହୃଦୟ



ସମ୍ପାଦକ
କ୍ଷେତ୍ରମଣି ବିଭାର

ତଫିଜୁଲ ହୋସେନ
ପ୍ରତିଷ୍ଠାତା ଆବାହକ



ସହ ସମ୍ପାଦକ
ସୁହଂସ ଭୋଇ

ଯୋଗାଯୋଗ
୯୪୩୯୨୨୧୯୮୯
kalamsahitya.com